
ସାପ୍ତାହିକ
Postal Regd. No.: SBP/14/2025-2027
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 3 | 19 - 25 January 2025 | Sambalpur | Pages- 8 | Invitation Price Rs.10

# ସୋସିଆଲ ମିଡିଆରେ ରାଜ୍ କରୁଛି 'ଛି ଛି ଛି ରେ ନନୀ.....'



ବିଭୂତି ବିଶ୍ୱାଳ



ମାନଭଞ୍ଜନ ନାୟକ

ସମ୍ବଲପୁର : ନୂତନ ବର୍ଷରେ ସର୍ବାଧିକ ଲୋକପ୍ରିୟ ହୋଇଛି କୋରାପୁଟର ଦେଶୀଆ ଗୀତ 'ଛି ଛି ଛି ରେ ନନୀ ..। ଗତ କିଛି ଦିନ ହେବ ଏହା ଟ୍ରେଣ୍ଡରେ ଚାଲିଛି ଓ ସାମାଜିକ ଗଣମାଧ୍ୟମରେ ଏହି ଗୀତ ଭାଇରାଲ୍ ହେଉଛି । ପ୍ରାୟ ୩୨ ବର୍ଷ ତଳେ ରେକର୍ଡିଂ ହୋଇଥିବା ଏହି ଗୀତ ଆଜି ସାରା ରାଜ୍ୟରେ ଚହଳ ସୃଷ୍ଟି କରିଛି । କୋରାପୁଟ୍ ଜିଲ୍ଲା ଜୟପୁରର କଳାକାର ସ୍ୱର୍ଗତ ସତ୍ୟନାରାୟଣ ଅଧିକାରୀ ଲେଖିଥିବା ଓ ଗାଇଥିବା 'ବାଲିଫୁଲ' ୧୯୯୨ ମସିହାରେ ରେକର୍ଡିଂ ହୋଇଥିଲା । 'ବାଲିଫୁଲ'ର ଅର୍ଥ ମିତ ବା ସଙ୍ଗୀତ । ସେହି ସମୟରେ ଆଠଟି ଗୀତକୁ ନେଇ ପ୍ରସ୍ତୁତ ହୋଇଥିବା କେସେଟ୍ ରୁ ୪ଟି ଗୀତ ସୁପରହିଟ୍ ହୋଇଥିଲା । ସେଥି ମଧ୍ୟରୁ ଛି ଛି ଛିରେ ନନୀ... ବେଶ୍ ସଫଳତା ପାଇଥିଲା । ସେତେବେଳେ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଓ ଓଡ଼ିଶାରେ ଚହଳ ସୃଷ୍ଟି କରିବା ସାଙ୍ଗକୁ ସାଉଥ୍ ଓ ତାମିଲ୍ ଫିଲ୍ମରେ ସେହି ଗୀତ ସ୍ଥାନ ପାଇଥିଲା । ଏବେ ଏହି ଗୀତ କିଛି ଦିନ ମଧ୍ୟରେ ଯୁବପିଢ଼ୀଙ୍କ ହୃଦୟକୁ ଘର କରି ଦେଇଛି । ହଜାର ହଜାର ସଂଖ୍ୟାରେ ଯୁବ ସମାଜ ଏହି ଗୀତକୁ ନେଇ ରିଲ୍ ପ୍ରସ୍ତୁତ କରୁଛନ୍ତି ।

ଏହି ଗୀତକୁ ୟୁଟ୍ୟୁବରେ ୧.୨୦ କୋଟି ଲୋକ ଦେଖି ସାରିଥିବା ବେଳେ ୟୁଟ୍ୟୁବ୍ ଓ ଇନ୍‌ଷ୍ଟାଗ୍ରାମରେ ୧ ଲକ୍ଷରୁ ଅଧିକ ଶର୍ଟସ୍ ଅପଲୋଡ ହୋଇସାରିଛି । ଏହି ଗୀତର ମୁଖ୍ୟ କଳାକାର ସମ୍ବଲପୁରର ବିଭୂତି ବିଶ୍ୱାଳ ଓ ନିର୍ଦ୍ଦେଶକ ମାନଭଞ୍ଜନ ନାଏକ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ କରୁଛନ୍ତି । ସମ୍ବଲପୁର ସହରର ଗୋବିନ୍ଦଟୋଲାବାସୀ ବିଭୂତି ଜଣେ ମଞ୍ଚ କଳାକାର । ବିଭିନ୍ନ ନାଟ୍ୟ ଅନୁଷ୍ଠାନରେ ସେ ମୁଖ୍ୟ ନାୟକରୁ ଚରିତ୍ର କଳାକାର ପର୍ଯ୍ୟନ୍ତ ଜୀବନ୍ତ ଅଭିନୟ କରି ପ୍ରଶଂସା ସାଉଁଟିଛନ୍ତି । ଏହାବ୍ୟତୀତ ସେ ଆକାଶବାଣୀ ସମ୍ବଲପୁରର ଜଣେ ସ୍ୱୀକୃତିପ୍ରାପ୍ତ ନାଟ୍ୟ କଳାକାର । ସେ ଏକ ବିଦ୍ୟାଳୟରେ ସାମୟିକ କଳା ପ୍ରଶିକ୍ଷକ ଭାବେ ମଧ୍ୟ କାର୍ଯ୍ୟରତ । ବିଭୂତି କହନ୍ତି, କଳାକୁ ପେଶାକରି ପରିବାର ପରିପୋଷଣ କରିବା ବହୁତ କଷ୍ଟକର । ଅନେକ ନାଟକରେ ଅଭିନୟ ସହ ଆକାଶବାଣୀରେ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛି । କିନ୍ତୁ ଆଜି ଏହି ଗୀତ ପାଇଁ ଯେମିତି ଲୋକପ୍ରିୟତା ମିଳିଲା ସେ ସମୟରେ ମିଳିଥିଲେ ହୁଏତ ମୋ କ୍ୟାରିୟର ଭିନ୍ନ ମୋଡ଼ ନେଇଥାନ୍ତା । ଲୋକପ୍ରିୟ ଗୀତ 'ଛି ଛି ଛିରେ ନନୀ'ରେ ଅଭିନୟ ବାବଦ ରେ ସେ କହନ୍ତି, ମୋର ପରିଚିତ ନିର୍ଦ୍ଦେଶକ ମାନଭଞ୍ଜନ ନାଏକ ମୋର ଗାଉଁଲି ଚେହେରା ପରିପାଟୀରୁ ଏହି ଆଲବମ୍ ଭିଡିଓରେ ଅଭିନୟ କରିବା ପାଇଁ ସୁଯୋଗ ଦେଇଥିଲେ । ତା'ପୂର୍ବରୁ କେବେ ଆଲବମ୍ କରି ନ ଥିଲି କି ନୃତ୍ୟ ଆସୁ ନ ଥିଲା । କିନ୍ତୁ ଏହି ଗୀତର କାହାଣୀରେ ଅଭିନୟ ଥିବାରୁ ସେ ମୋତେ ସୁଯୋଗ ଦେଇଥିଲେ ।




ତା'କୁ ଖୁବ୍ ମନ ଲଗାଇ କରିଥିଲି । ସମଗ୍ର ଭିଡିଓଟି ପିତାପାଲି ଓ ଜମାଦାରପାଲି ଅଞ୍ଚଳରେ ସୁଟିଂ ହୋଇଛି । ସେତେବେଳେ ଏହି ଗୀତ କ୍ୟାସେଟ ଜରିଆରେ ବେଶ୍ ଚାଲିଥିଲା । କିନ୍ତୁ ସେଥିରେ ଥିବା 'ଏ ନନୀ ବିହାରୀ ପାନୀ ଅଧିକ ଲୋକପ୍ରିୟ ହୋଇଥିଲା । ୨୦ ବର୍ଷ ପରେ 'ଛି ଛି ଛିରେ ନନୀ ..'ଗୀତ ଲୋକପ୍ରିୟ ହେବାକୁ ନେଇ ଖୁସୀ ଅଛି । କିନ୍ତୁ ସେ ସମୟରେ ଲୋକପ୍ରିୟ ହୋଇଥିଲେ ବେଶୀ ଖୁସୀ ହୋଇଥାନ୍ତି । କାରଣ ମୋର ଆଲବମ କ୍ୟାରିୟର ଯେଉଁଠାରୁ ଆରମ୍ଭ ହୋଇଥିଲା ସେଠାରେ ହିଁ ଶେଷ ହୋଇଗଲା । ଏଥିପାଇଁ ଦୁଃଖ ମଧ୍ୟ ଲାଗୁଛି । ଯାହା ହେଉ ଖୁସୀର କଥା ଯେ ଏବେ ଲୋକେ ଚିହ୍ନୁଛନ୍ତି ଓ ସବୁ ଆଡୁ ଫୋନ୍ ଆସୁଛି । ଏହି ଗୀତର ନିର୍ଦ୍ଦେଶକ ମାନଭଞ୍ଜନ ନାଏକ କହନ୍ତି, ପ୍ରକୃତରେ ଏହି ଗୀତଟି ୧୯୯୫ ମସିହାରେ ରେକର୍ଡିଂ ହୋଇ କ୍ୟାସେଟରେ ଚଳୁଥିଲା । ୨୦୦୪ ମସିହାରେ ଏହାର ପ୍ରଯୋଜକ ସୀତାରାମ ଅଗ୍ରୱାଲ ମୋତେ ଯୋଗାଯୋଗ କରି ଏହି ଗୀତର ଚିତ୍ରାୟନ କରିବା ପାଇଁ ପ୍ରସ୍ତାବ ଦେଲେ । ତେଣୁ ଗୀତର ପ୍ରଥମେ ସ୍କ୍ରିନପ୍ଲେ ଲେଖୁଥିଲି । ଯାହାର ନାୟକ ଅତି ଗରିବପିଲା ହୋଇଥିବାରୁ ନାୟିକାଙ୍କ ପରିବାର ତା'କୁ ପସନ୍ଦ କରୁ ନ ଥିଲେ । ତେଣୁ ନାୟକ ରୋଜଗାର ପାଇଁ ବାହାରକୁ ଯିବା ଭିତରେ ନାୟିକାର ପରିବାର ଲୋକେ ଅନ୍ୟତ୍ର ବିବାହ ଠିକ୍ କରି ଦେଇଥିଲେ । ନାୟକ ଫେରିବା ବେଳକୁ ଏସବୁ ବିଷୟ ଜାଣି ବ୍ୟଥିତ ହୋଇ ଏହି ଗୀତ ଗାଇଛି । ମୋ କାହାଣୀ ପାଇଁ ବିଭୂତି ଉପଯୁକ୍ତ ଥିବାରୁ ତାଙ୍କୁ ଏହି ସୁଯୋଗ ମିଳିଥିଲା । ରିଙ୍କି ପଟ୍ଟନାୟକ ଏହାର ସହ ନିର୍ଦ୍ଦେଶନା ଦେଇଥିବା ବେଳେ ସୈଳଜା ପଟେଲ, ବିଭୂତିଙ୍କ ସହ ଅଭିନୟ କରିଥିଲେ । କିନ୍ତୁ ଏହା ଏତେ ମାତ୍ରାରେ ଲୋକପ୍ରିୟ ହେବ ବୋଲି କେବେ ଭାବି ନ ଥିଲି ବୋଲି କହିଛନ୍ତି ମାନଭଞ୍ଜନ ।


# ହୀରାକୁଦ ଡ୍ୟାମର ପ୍ରତିଷ୍ଠା ଦିବସ

ସମ୍ବଲପୁର: ହୀରାକୁଦ ବନ୍ଧର ୬୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବନ୍ଧ ନିର୍ମାଣରେ ଜୀବନକୁ ଜଳାଞ୍ଜଳି ଦେଇଥିବା ବ୍ୟକ୍ତିବିଶେଷଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇ ସେମାନଙ୍କ ସ୍ମୃତିଚାରଣ କରାଯାଇଥିଲା । ଏଥିରେ ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ଧର ମହତ୍ୱ ଓ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ବନ୍ଧ ପାଇଁ ବିସ୍ଥାପିତ ହୋଇ ନିଜ ଭିଟାମାଟି ଛାଡ଼ିଥିବା ବ୍ୟକ୍ତିବିଶେଷ ତଥା ବନ୍ଧନିର୍ମାଣ ସମୟରେ ନିଜ ଜୀବନକୁ ଜଳାଞ୍ଜଳି ଦେଇଥିବା ବ୍ୟକ୍ତିମାନଙ୍କ ସ୍ମୃତିଚାରଣ କରିଥିଲେ । ଭିମ୍‌ସାରର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ଭାବଗ୍ରାହୀ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ଡ୍ୟାମ ନିର୍ମାଣ ବିଷୟବସ୍ତୁକୁ ନେଇ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଟ୍ଟନାୟକଙ୍କ ରଚିତ 'ଆଉର୍ ଗୁଟେ କୋଣାର୍କ' ନାଟକ ମଞ୍ଚସ୍ଥ ହୋଇଥିଲା । ପ୍ରମୋଦ ଦାଶଙ୍କ ନିର୍ଦ୍ଦେଶନା ଓ ସତ୍ୟବ୍ରତ ସାହୁଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ରର କଳାକାର ମାନେ ଏହି ନାଟକ ପରିବେଷଣ କରିଥିଲେ । ପ୍ରମୋଦ ଦାଶ, ନମ୍ରସକାନ୍ତ ପଟ୍ଟନାୟକ, ସତ୍ୟବ୍ରତ ସାହୁ, ଖୁସୀ ସାହୁ, ରିଦ୍ଧମା ଉଜ୍ଜୟିନୀ ବେହେରା, ଶକ୍ତିସ୍ୱରୂପା ନାୟକ, ସାରା ନନ୍ଦ, ପ୍ରତୀକ୍ଷା ପାଣିଗ୍ରାହୀ, ସିମ୍ରନ୍ ସ୍ୱାଇଁ, ଆଦିଶ୍ରୀ ଆରାଧା ଦାସ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ।



ମହାନଦୀ ଅବବାହିକା ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା, ବୁର୍ଲା-ହୀରାକୁଦ ବନ୍ଧ ମଣ୍ଡଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସୁଧୀର କୁମାର ସାହୁ ଓ ବୁର୍ଲା ମୁଖ୍ୟବନ୍ଧ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋର୍ତିମୟ ବେହେରା ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ ।



## ରେଙ୍ଗାଲବେଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ଉତ୍ସବ ପାଳିତ

ସମ୍ବଲପୁର: ଜମନକିରା ବ୍ଲକ ଅନ୍ତର୍ଗତ ଭୋଜପୁର ରେଙ୍ଗାଲବେଡା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ପ୍ରଧାନ ଶିକ୍ଷକ ସୁପ୍ରଭା ମହାନ୍ତିଙ୍କ ସଭାପତିତ୍ୱରେ ପ୍ରତିଭା ଉତ୍ସବ ପାଳିତ ହୋଇ ଯାଇଛି । ଏଥିରେ ସମାଜସେବୀ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ମେଡାଲ ଦେଇ ସମ୍ମାନିତ କରିଥିଲେ । ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଭିଯାନ ର ସଂଯୋଜକ ରମେଶ କିଶାନ ଅନୁଷ୍ଠାନ ର ବିବରଣୀ ପାଠ କରିଥିଲେ । ବରିଷ୍ଠ ଶିକ୍ଷକ ଉପାସନା ସ୍ୱାଇଁ ଭାଷଣ ଦେଇ ପ୍ରତିଭା ବିକାଶର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । ପ୍ରକାଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅକ୍ଷୟ ନାଏକ, ସପ୍ତ ଶିଖା ଜହ୍ନର, ଚାରୁଲତା ମାଝୀ, ଚତୁ ଭୂଜ ସାହୁ, ମୋନାଲିସା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଉପାସନା ଦେବୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ସ୍ଥାପନା ଓ ନାରୀ ଶକ୍ତି ଦିବସ ପାଳିତ




ସମ୍ବଲପୁର : ସମ୍ବଲପୁର ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ 'ସ୍ଥାପନା ଓ ନାରୀ ଶକ୍ତି ଦିବସ' ପାଳିତ ହୋଇଯାଇଛି । ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସଂଘ ପୂର୍ବ ପ୍ରାନ୍ତ ପ୍ରଚାରକ ଓ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ବିଷ୍ଣୁ ପାତ୍ର ମୁଖ୍ୟବକ୍ତା, ପ୍ରାନ୍ତ ସହ ମହିଳା ପ୍ରମୁଖ ଶ୍ରୀମତୀ ଗୀତାଞ୍ଜଳି ଭୋଇ ଓ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଲୋକିତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ବନବାସୀ କଲ୍ୟାଣ ଆଶ୍ରମ ସମ୍ବଲପୁରର ସଭାପତି ଡ଼ାକ୍ତର ଅମୂଲ୍ୟ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଶ୍ରୀ ମାନସ ଶତପଥୀଙ୍କ ଧନ୍ୟବାଦ ଭାଷଣ ଦେଇଥିଲେ । ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା, ପ୍ରାନ୍ତ କାର୍ଯ୍ୟବାହା ଗଣେଷ ମହାପାତ୍ର, ନଗର ସଂଘଚାଳକ ଦୀପକ ପଣ୍ଡା, ନରେଶ ବର୍ମା, ପ୍ରଫୁଲ୍ଲ ବେହେରା, ଅନନ୍ତ ମହାନ୍ତି, ପ୍ରମୋଦ ଦୁଡଗା, କ୍ରିଷ୍ଣା ଭୋଇ, ପୀତବାସ ପଣ୍ଡା, ରବି ଲୋହିଆ, ଅମିତ ଡାଲମିଆ, ପ୍ରକାଶ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ ।

## ବୁର୍ଲାରେ ବାଦି ପାଲା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବୁର୍ଲା : ବୁର୍ଲାରେ ପ୍ରଥମ ଥର ପାଇଁ ବାଦି ପାଲା ଉତ୍ସବ ଆୟୋଜନ କରାଯିବା ପାଇଁ ଭାରତୀ କଳା ବିକାଶ କେନ୍ଦ୍ର ଠାରେ କଳା ସଂସ୍କୃତି ପ୍ରେମୀ ବରିଷ୍ଠ ନାଗରିକଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ କଳାବିକାଶ କେନ୍ଦ୍ରର ସମ୍ପାଦକ ନିରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଉପସ୍ଥିତ ରହି ଲୁକ୍କାୟିତ କଳା ସଂସ୍କୃତିକୁ ଲୋକ ଲୋଚନକୁ ଅଣାଯିବା ପାଇଁ ଆଗାମୀ ପିଢ଼ିକୁ ଏକ ସଂଦେଶ ଦେଇ ପାଲାର ମହତ୍ତ୍ୱ ବର୍ତ୍ତମାନ ସମାଜ ପାଇଁ କେତେ ଆବଶ୍ୟକ ତା ଉପରେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ଆଇନଜୀବି ପ୍ରମୋଦ କୁମାର ଦାଶ, ପ୍ରଫେସର ଡାକ୍ତର ଶ୍ରୀବସ୍ତ କୁମାର ମହାପାତ୍ର, ସୁନିଲ କୁମାର ଆଚାର୍ଯ୍ୟ, ରଂଜିତ କୁମାର ପଟ୍ଟନାୟକ, ବରିଷ୍ଠ ନାଗରିକ ଫୋରମର ସମ୍ପାଦକ ଯତୀନ୍ଦ୍ର ମାହନ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ହିମାଂଶୁ ଶେଖର ଠାକୁର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ବଦିପାଲା ଆୟୋଜନ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧରେ ଯୁବନେତା ଗିରିଜା ନାଏକ, ଅଶ୍ୱିନୀ କୁମାର ଆଚାର୍ଯ୍ୟ, ଓକିଲ ଖମାରୀ, ଚୈତନ୍ୟ ଭୋଇ, ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି, ସୁନିଲ କୁମାର ତୁଲୀ, ପ୍ରମୋଦ କୁମାର ଦାଶ (ବାବୁଲି), ରଂଜିତ ପାଣିଗ୍ରାହୀ, ପ୍ରତିମା ମାହାନା, ଫଗନୁ ସେଠ, ସତ୍ୟବ୍ରତ ସାହୁ, କୈଳାସ ସୁନା, ସୁରେନ୍ଦ୍ର କୁମାର ଯୋଶୀ, କାଳୀ ଚରଣ ପାଢ଼ୀ, ଶିବ ପ୍ରସାଦ ସ୍ୱାଇଁ, ରାଜେନ୍ଦ୍ର ମହାରଣା, ନୀଳମଣି ସାହୁ, ସୁବଳ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନିଜ ମତାମତ ରଖିଥିଲେ । ଏଥିପାଇଁ ଏକ କାର୍ଯକାରୀ କମିଟି ଗଠିତ ହୋଇଛି । ଆଗାମୀ କାର୍ଯ୍ୟକାରୀ ବୈଠକରେ ଏହାକୁ ଅନୁମୋଦନ କରାଯାଇ ଉତ୍ସବ ତାରିଖ ନିର୍ଦ୍ଧାରଣ କରାଯିବ । ରଶ୍ମିରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଲ.ଏନ୍. କଲେଜରେ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର

ଝାରସୁଗୁଡା: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଠାରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀ ମାନଙ୍କୁ ନେଇ ଆଠ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇ ଯାଇଛି । ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସ୍ନେହଲତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଇ ସମାଜରେ ନାରୀ ମାନଙ୍କ ପ୍ରତି ଘଟୁଥିବା ଅତ୍ୟାଚାର ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ । କୌଣସି ପରିସ୍ଥିତିର ମୁକାବିଲା ପାଇଁ ମାନସିକ ଓ ନୈତିକ ବଳ ପ୍ରୟୋଗ କରିବା ସହିତ ବିଗତ ଆଠ ଦିନ ଧରି ଶିକ୍ଷା ଲାଭ କରିଥିବା ଆତ୍ମ ସୁରକ୍ଷା କୌଶଳର ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଓଡ଼ିଶା ସରକାରଙ୍କ ଏପରି ପଦକ୍ଷେପକୁ ପ୍ରଶଂସା କରିବା ସହିତ ନିଜ ପରିବାର ଓ ଅନୁଷ୍ଠାନର ନାମ ଉଚ୍ଚ କରି ଦେଶ ଗଠନ ରେ ସହଯୋଗ ପାଇଁ କାମନା କରିଥଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ସଂଯୋଜିକା ପ୍ରାଧାପିକା ପୂର୍ଣ୍ଣିମାମୟୀ ଦାଶ ଯୋଗଦେଇ ସମାଜର ଘଟୁଥିବା ଅନ୍ୟାୟ ଓ ଅନୀତିକୁ ଦୂର କରିବା ପାଇଁ ଛାତ୍ରୀ ମାନଙ୍କ ଦୃଢ଼ ମନୋବଳ ଓ ସଂଯମତା ଅତ୍ୟନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ବାଣିଜ୍ୟ ବିଭାଗର ଅଧାପିକା ତଥା ତାଲିମ ଶିବିରର ତତ୍ତ୍ୱାବଧାରକ ସୋନାଲି ସାମରିଆ ଛାତ୍ରୀମାନଙ୍କୁ ନିର୍ଭୟ ହୋଇ ତଥା ଉପସ୍ଥିତ ବୁଦ୍ଧି ଜରିଆରେ ସମସ୍ତ ବିପଦକୁ ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନେହା କୁମାରୀ ସାଇ ତାଲିମ ପ୍ରଦାନ କରିବା ସମୟର ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିଥଲେ । ଶେଷରେ ଯୁଗ୍ମ ତତ୍ତ୍ୱାବଧାରକ ଅଧାପିକା ସୁଚରିତା ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ସମ୍ବଲପୁର :ସମ୍ବଲପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ୧୯୮୭-୮୯ ବ୍ୟାଚର ପୂର୍ବତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ତଥା ରାଜ୍ୟ ବାହାରେ ରହୁଥିବା ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟ ସ୍ଥିତ ଅତିଥି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କୂଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଏବଂ କୁଳସଚିବ ଡକ୍ଟର ନୃପରାଜ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସପନ ମିଶ୍ର, ଶ୍ରୀନିବାସ ରାଓ, ତାରାବତୀ ବେହେରା ପ୍ରମୂଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ୪୦ ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ଉଦଯାପିତ



ଝାରସୁଗୁଡ଼ା : ଲଖନପୁର ବ୍ଲକ ପଞ୍ଚଗାଁ ପଞ୍ଚାୟତ ଅନ୍ତର୍ଗତ ମହିମା ପୁରମ ପଞ୍ଚଗାଁ ବିଜାପାଲି ମହିମା ଆଶ୍ରମରେ ଅନୁଷ୍ଠିତ ୪୦ ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ମହିମା ବାଲ୍ୟଲୀଳା ମହୋତ୍ସବ ଉଦ୍‌ଯାପିତ ହୋଇ ଯାଇଛି । ମହିମା ଆଶ୍ରମର ପୁରୋଧା ବ୍ରହ୍ମାବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କଳସ ଯାତ୍ରା, ସନ୍ଧ୍ୟା ବ୍ରହ୍ମ ମୁହୁର୍ତ୍ତରେ ବ୍ରହ୍ମାଧୁନି ସ୍ଥାପନ, ଅଖଣ୍ଡ ବ୍ରହ୍ମବତୀ ପ୍ରଜ୍ୱଳନ, ଆଠ ଭଜନ, ଜଗତର କଲ୍ୟାଣ ନିମନ୍ତେ ବ୍ରହ୍ମାଧୁନିରେ ଘୃତାହୁତି ସହ ଯଜ୍ଞ ଆରମ୍ଭ ହୋଇ ପ୍ରାତଃ ବ୍ରହ୍ମ ମୁହୂର୍ତ୍ତରେ ଦର୍ଶନ ସ୍ତୁତି ପ୍ରାର୍ଥନା, ଅବକାଶ ଜଣାଣ, ଛାତ୍ରଛାତ୍ରୀମାନଙ୍କୁ ବାବା ମହୋଦୟଙ୍କ ଦ୍ୱାରା ନୀତିବାଣୀ ଓ ସତ ମାର୍ଗ ଦର୍ଶନ, ମହିମା ମହା ପ୍ରସାଦ ଅର୍ପଣ, ମହିମା ବାଲ୍ୟଲୀଳା ଅନ୍ତେ ବିଶ୍ୱର କଲ୍ୟାଣ ପାଇଁ ଘୃତାହୁତି ସହ ସାଧୁସନ୍ଥଙ୍କ ଦ୍ୱାରା ଭଜନ, ଜଣାଣ, ସତସଙ୍ଗ, ପ୍ରବଚନ ଆଦି ହୋଇଥିବା ବେଳେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଧୁସନ୍ଥମାନଙ୍କ ମଧରେ ବ୍ରହ୍ମାବଧୂତ ତୁଳରାମ ବାବାଙ୍କ ସହ ସାଧୁ ଦାରୁକ ଦାସ, ସାଧୁ ଚିତ୍ରସେନ ଦାସ, ସାଧୁ ସ୍ୱରୂପାନନ୍ଦ ଦାସ, ସାଧୁ ଦୟାନିଧି ଦାସ, ସାଧୁ ଧନିରାମ ଦାସ, ସାଧୁ ବାଦଲ ଦାସ, ସାଧୁ କାହ୍ନା ଦାସ, ସାଧୁ ହରି ଦାସ, ସାଧୁ ଅଭୟ ଦାସ, ମହେନ୍ଦ୍ର ତ୍ୟାଗୀ,ସୁମନ୍ତ ତ୍ୟାଗୀ, ଜଗଦୀଶ ତ୍ୟାଗୀ, ରୁଦ୍ର ତ୍ୟାଗୀଙ୍କ ସମେତ ଝାରସୁଗୁଡା, ବରଗଡ଼, ସୁନ୍ଦରଗଡ ତଥା ପଡ଼ୋଶୀ ଛତିଶଗଡ଼ ରାୟଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରୁ ମହିମା ଧର୍ମାଲମ୍ବୀ ସାଧୁସନ୍ଥ ମାନେ ବହୁ ସଂଖ୍ୟାରେ ଯୋଗଦାନ କରି ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟ ମାନଙ୍କରୁ ପ୍ରାୟ ୫୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା ।

ଏହି ଅବସରରେ ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ବ୍ରହ୍ମାବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ରଚିତ 'ଆସ ଲୋଡ଼ିବା ପ୍ରଭୁଙ୍କୁ' ପୁସ୍ତକ ଉନ୍ମୋଚନ କରିଥିଲେ । ସେହିଭଳି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପୂର୍ବତନ ବିଧାୟିକା ଅଳକା ମହାନ୍ତି ,ରଘୁନନ୍ଦନ ପଣ୍ଡା,ବିଶ୍ୱନାଥ ନାୟକ,ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ,ସଭ୍ୟା ତଥା ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

## ନିର୍ମଳ ଭାବ

**ଡା. ନାମଯଜ୍ଞ ମିଶ୍ର**

ଶିକ୍ଷା ଗ୍ରହଣ ପାଇଁ ଅନ୍ତଃକରଣ ଶୁଦ୍ଧ ଥିବା ଆବଶ୍ୟକ । ମନରେ ଜ୍ଞାନାଭିମାନ ଥିବା ପର୍ଯ୍ୟନ୍ତ ଅନ୍ୟଠାରୁ ଶିକ୍ଷା ଗ୍ରହଣ ସମ୍ଭବ ନୁହେଁ । ତେଣୁ ବ୍ୟାସ ଦେବ ସର୍ବ ବେଦପୁରାଣ ଶାସ୍ତ୍ର ଜ୍ଞାତା ହୋଇ ମଧ ସାମାନ୍ୟ ଶବରକୁ ଗୁରୁ ରୂପେ ବରଣ କରି ତା' ଠାରୁ ବୃକ୍ଷକୁ ନୂଆଁଇ ଫଳ ତୋଳିବା ମନ୍ତ୍ର ଶିକ୍ଷା କରିଥିଲେ ଓ ପରବର୍ତ୍ତୀ ସମୟରେ ଅଠାଶୀ ସହସ୍ର ଋଷିଙ୍କ ଗୁରୁ ହୋଇ ସୁଦ୍ଧା ଶବରକୁ ଯଥୋଚିତ ଗୁରୁର ସମ୍ମାନ ଦେଇଥିଲେ ।

ଉଜ୍ଜୈନ ନଗରୀରେ ଜଣେ ସର୍ବଶାସ୍ତ୍ର ବିଶାରଦ ପଣ୍ଡିତ ବାସ କରୁଥିଲେ । କାଳକ୍ରମେ ସେହି ନଗରୀକୁ ଜଣେ ସାଧୁ ଆସି ବୃକ୍ଷ ମୂଳରେ ବସାବାନ୍ଧି ରହିଲେ । ସାଧୁଙ୍କ ମଧୁର ବଚନ ଓ ଶାନ୍ତ ସୁଶୀଳ ଆଚରଣରେ ଲୋକେ ମୁଗ୍ଧ ହୋଇ ଆସିଲେ । ସାଧୁଙ୍କର ମନୋହାରୀ ପ୍ରବଚନ ଶୁଣିଲେ । ତାଙ୍କୁ ଭକ୍ତି କରିତାଙ୍କ ପାଇଁ ଲୋକେ ସେଠାରେ ଏକ ସୁନ୍ଦର ଆଶ୍ରମଟିଏ ନିର୍ମାଣ କରିଦେଲେ । କ୍ରମେ ଆଶ୍ରମରେ ଜନଗହଳି ବଢ଼ିଲା । ସାଧୁଙ୍କର ଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପିଗଲା । ସାଧୁଙ୍କର ଖ୍ୟାତି ଶୁଣି ପଣ୍ଡିତ ଈର୍ଷା କଲେ । ସେ ଭାବିଲେ 'ଆମ୍ଭେ ଏତେ ଶାସ୍ତ୍ର ଆୟତ୍ତ କରି ଅଛୁଁ । କେହି ଆମ କଥା ଶୁଣିବାକୁ ଆସୁ ନାହାନ୍ତି । ଆଉ, ଏଇ ସାଧୁ ସେଭଳି କିଛି ପାଠ ପଢ଼ିଥିବା ଜଣାପଡୁ ନାହିଁ । ଅଛତ, ତାରି ପାଖରେ ସଭିଏଁ ଠୁଳ ହେଉଛନ୍ତି । ତେବେ ଏ ସାଧୁ ନିଶ୍ଚେ କିଛି ବଶୀକରଣ ମନ୍ତ୍ର ଶିଖିଛି, ତା' ଠାରୁ ଏ ମନ୍ତ୍ର ପାଇବାକୁ ହେଲେ ତା'କୁ ଡାକି କୌଶଳରେ ତା' ଠାରୁ ଆୟତ୍ତ କରି ପାରିଲେ ମୋତେ ମଧ ଲୋକେ ମାନିବେ ଓ ମୋର ପ୍ରବଚନ ଶୁଣିବାକୁ ଧାଇଁ ଆସିବେ । ଏହିପରି ଭାବି ପଣ୍ଡିତ ଦିନେ ଯାଇ ସାଧୁଙ୍କୁ ଦେଖା କଲେ ଏବଂ ତାଙ୍କୁ ନିଜଘରକୁ ଆସିବାକୁ ନିମନ୍ତ୍ରଣ କଲେ । ସାଧୁ ପ୍ରଥମେ ମନାକଲେ କିନ୍ତୁ ବାରମ୍ବାର ଅନୁରୋଧକୁ ଟାଳିନ ପାରି ଦିନେ ପଣ୍ଡିତଙ୍କ ଘରକୁ ଆସିଗଲେ ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

# ରାମାୟଣର ରାମସେତୁ



## ଡ଼ଃ ପ୍ରମୋଦ କୁମାର ପଣ୍ଡା

ଜଣେ ଷୋଳ କଳାଧିକାରୀ, ପୃଥିବୀର ସର୍ବଶ୍ରେଷ୍ଠ କ୍ଷତ୍ରିୟ, ଅନ୍ୟ ଜଣେ ବିଶ୍ୱର ବିଦ୍ୱାନ ବ୍ରାହ୍ମଣ, ତ୍ରିପୁର ବିଜୟୀ । ଜଣେ ଦଶରଥ ତନୟ ମର୍ଯ୍ୟାଦା ପୁରୁଷ ଅଯୋଧ୍ୟାର ବନବାସୀ ରାଜକୁମାର ରାମଚନ୍ଦ୍ର ତ ଅନ୍ୟ ଜଣେ ବିଶ୍ୱବା ନନ୍ଦନ ମୟା ମହାରଥ ଲଙ୍କାଧିପତି ରାବଣ । କେହି ଊଣା ନୁହନ୍ତି କାହାଠୁ କୌଣସି ଗୁଣରେ । ଏକଦମ ସମାନ । ନିକିତି ତଉଲ ଭଳି । ଗୋଟିଏ ପଟେ ନର ଓ ବାନର ତ ଅନ୍ୟ ପଟେ ରାକ୍ଷସ । ଯୁଦ୍ଧ ପାଇଁ ତିଆର, ପୁରା ପ୍ରସ୍ତୁତ ।

ମନ୍ଦୋଦରୀ, ବିଭୀଷଣ ଓ ହନୁମାନଙ୍କ ଚେତାବନୀ ସତ୍ତ୍ୱେ ସୀତା ପ୍ରତ୍ୟାର୍ପଣ ଅସ୍ୱୀକାର୍ଯ୍ୟ ହୁଏ ରାବଣଙ୍କୁ । ନିଜସ୍ୱ ଜିଦରେ ଅଟଳ । ମିଥ୍ୟା ଅହଙ୍କାର । ତୁଚ୍ଛା ଅଭିମାନ । ଯୁଦ୍ଧାତିରିକ୍ତ ଅନ୍ୟ ବିଚାର ଉନ୍ମୁକ୍ତ ରଖିବାକୁ ମଧ ଅସହମତ । ଅନାଗ୍ରହୀ । ସନ୍ଧି ଅଥବା ଆପୋଷ ବୁଝାମଣା କଥା ପଚାରେ କିଏ ? ମରଣ କାଳେ ବିପରୀତ ବୁଦ୍ଧି ।

ବିଶାଳ ବାନର ସେନା ସହ ସମୁଦ୍ର କୂଳରେ ଉପସ୍ଥିତ ରାମଚନ୍ଦ୍ର ଓ ଲକ୍ଷ୍ମଣ । ସାଙ୍ଗରେ ସୁଗ୍ରୀବ, ହନୁମାନ, ଅଙ୍ଗଦ, ଜାମ୍ବବାନ, ନଳ, ନୀଳ, କ୍ରାନ୍ତୁ, ମୈନ୍ଦ, ଦ୍ୱିବିଧ, ଦଧିମୁଖୀ, ପନସ, କୁମୁଦ, କେଶରୀ, ଜମ୍ବ, ଶରଭ, ଶତବଳୀ, ଗବୟ, ଗବାକ୍ଷ, ଗଜ, ଗନ୍ଧମାର୍ଦ୍ଦନ, ମହୋଦର, ପ୍ରଜଙ୍ଘ, ପୃଥୁ, ପ୍ରଥମୀ, ରମ୍ଭ, ଋଷଭ, ସାନୁପ୍ରସ୍ଥ, ସଭାଜନ, ସୁନ୍ଦ, ବାଳିମୁଖ, ବେଗଦର୍ଶୀ, ବେମଦର୍ଶୀ, ତାର, ଧୂମ୍ର, ଧ୍ୱଜ, ମିନତ, କମ୍ପନ, ରଙ୍ଗ ସହିତ ଅନ୍ୟାନ୍ୟ ମହାରଥୀ । ଅଠର ପଦ୍ମ ସେନାପତି ବିଶିଷ୍ଟ ସେନାବାହିନୀ । ଜଣେ ସେନାପତି ଅଧୀନରେ ଏକ ହଜାର ଏକ ଶହ ସୈନିକ । ଏଥିରୁ ଅନୁମେୟ ବାନର ସେନାର ବିଶାଳତା । ପୁଣି ସ୍ୱୟଂ ରାମଲକ୍ଷ୍ମଣଙ୍କ ଦ୍ୱାରା ତାଲିମପ୍ରାପ୍ତ, ପ୍ରଶିକ୍ଷିତ । ଗଦା ଓ ଧନୁର୍ବିଦ୍ୟାରେ ଧୁରନ୍ଧର ।

ସେପଟେ ରାବଣ ସେନାର ବିଶାଳତା କିଛି କମ ନୁହଁ । ଛତିଶ ହଜାର ଅକ୍ଷୋହିଣୀ ସୈନ୍ୟସାମନ୍ତାଧିକାରୀ ରାବଣ । ଏକ ଅକ୍ଷୌଣୀ ସେନାରେ ୨୧୮୭୦ ରଥ, ୨୧୮୭୦ ହାତୀ, ୬୫୬୧୦ ଘୋଡା ଏବଂ ୧,୦୯,୩୫୦ ପଦାତିକ । ସାଥୀରେ ଧୂମ୍ରରାକ୍ଷ, ଅକମ୍ପନ, ପ୍ରହସ୍ତ, କୁମ୍ଭକର୍ଣ୍ଣ, କୁମ୍ଭ, ନିକୁମ୍ଭ, ମହୋନାଧ, ଉନ୍ମତ୍ତ, ବିରୂପାକ୍ଷ, ତ୍ରିଶିରା, ଦେବାନ୍ତକ, ନରାନ୍ତକ, ମଦଜ, ଅତିକାୟ, ମତ୍ତ, ମହାପାଶ ଆଦି ଉଦଣ୍ଡ ରାକ୍ଷସ । ନରଭକ୍ଷୀ ଉଗ୍ର ଅସୁର । ରାବଣ ପୁତ୍ର ମେଘନାଦ, ଯିଏ ନିଜସ୍ୱ ବଳ ଏବଂ ବ୍ରହ୍ମାଙ୍କ ବରଦାନରେ ଦେବରାଜ ଇନ୍ଦ୍ରଙ୍କୁ ଯୁଦ୍ଧରେ ପରାଜୟ କରି ଇନ୍ଦ୍ରଜିତ ନାମେ ତ୍ରିପୁରବିଦିତ ।

ସମ୍ମୁଖରେ ବିଶାଳ ମହୋଦଧି । ସମଗ୍ର ବାନାରସେନା ହତଚକିତ, ବିସ୍ମିତ । ଆଶ୍ଚର୍ଯ୍ୟାନ୍ୱିତ । ଶହେ ଯୋଜନ ଦୀର୍ଘ ସମୁଦ୍ର ଲଂଘିବେ କିପରି ? କିପରି ଯୁଦ୍ଧ ହେବ ? ହନୁମାନାତିରିକ୍ତ ଅନ୍ୟକାହାରି କ୍ଷମତା ନାହିଁ ସମୁଦ୍ର ଲଂଘିବାକୁ । ହେଲେ ଅଞ୍ଜନୀ ପୁତ୍ର ତଟସ୍ଥ । ତାଙ୍କୁ ବିଦିତ ରାମଚନ୍ଦ୍ରଙ୍କ ଶକ୍ତି, ଅପରାଜେୟତା । ନିଶ୍ଚୟ କୌଣସି ନା କୌଣସି ରାସ୍ତା ଖୋଜି ବାହାର କରିବେ । ସଂକଟର ନିବାରଣ ହେବ ।

ନିର୍ବିକାର ଆଦର୍ଶ ପୁରୁଷ ପ୍ରଭୁ ରାମଚନ୍ଦ୍ର । ବିନାନୁମତିରେ ସମୁଦ୍ର ଅତିକ୍ରମଣ ଅନ୍ୟାୟ । ଆବାହନ କଲେ ସମୁଦ୍ରଦେବଙ୍କୁ । ଦିନ ପରେ ଦିନ ଗଡି ଚାଲିଲା । ନାଁ ଗନ୍ଧ କିଛି ନାହିଁ । ସତେ ଯିମିତି ଶୁଣି ଅଶୁଣା । ଜାଣି ଅଜଣା । ଅପ୍ରକଟ ସମୁଦ୍ରାଧିପତି । ଧୈର୍ଯ୍ୟର ବନ୍ଧ ଭାଙ୍ଗିବାକୁ ଲାଗିଲା ରାମଚନ୍ଦ୍ରଙ୍କ । ଅନ୍ତହୀନ ଅପେକ୍ଷାଦେଶ ଦେବାକୁ ଅସମର୍ଥ ସମୟ । ସମୟ ପାଖେ ମଧ ସମୟାଭାବ । ଅଗ୍ନି ଅସ୍ତ୍ର ସନ୍ଧାନରେ ସମଗ୍ର ସମୁଦ୍ର ଜଳ ଶୁଷ୍କ କରିବାକୁ ଉଦ୍ୟତ । ଠିକ ଯେମିତି ମହର୍ଷି ଅଗସ୍ତ୍ୟ ଏକଦା ଚଳୁ କରିଥିଲେ ସମଗ୍ର ସମୁଦ୍ର ପାଣିକୁ । ଶୁଷ୍କ କରିଥିଲେ ତାର ବିଶାଳ କାୟା ।

ଅବଗତାନ୍ତେ ଭୟଭୀତ ସମୁଦ୍ରାଧିପତି କୁବେର ତତକ୍ଷଣାତ ପ୍ରକଟ ହେଲେ । କ୍ଷମା ଯାଚନା କଲେ ରାମଚନ୍ଦ୍ରଙ୍କୁ । ତ୍ରୁଟି ମାର୍ଜନା କରିବାକୁ ଅନୁରୋଧ କଲେ । ବରଦାନପ୍ରାପ୍ତ ବିଶ୍ୱକର୍ମା ପୁତ୍ର ନଳ ଓ ସୂର୍ଯ୍ୟ ପୁତ୍ର ନୀଳଙ୍କ ସହାୟତାରେ ସେତୁ ନିର୍ମାଣ ପ୍ରସ୍ତାବ ରଖିଲେ । ନଳ ଓ ନୀଳଙ୍କ ସ୍ପର୍ଶରେ ପଥର ଜଳରେ ନବୁଡି ଭାସିବାର ଗୁପ୍ତ ରହସ୍ୟ ଉନ୍ମୋଚନ କଲେ । ସମସ୍ତ ପଥର ଓ ବାଲିର ଓଜନ ନିଜେ ବହନ କରିବାର ଦାୟିତ୍ୱ ବହନ କଲେ । ରାମସେନାକୁ ଲଙ୍କା ପାଇଁ ମାର୍ଗ ଉପଲବ୍ଧ ହେବାର ମାର୍ଗ ଦେଖେଇଲେ । କୁବେରଙ୍କ ଶାଳୀନ ସହଯୋଗରେ ସନ୍ତୁଷ୍ଟ ରାମଚନ୍ଦ୍ର । ତାଙ୍କରି ଅନୁରୋଧକ୍ରମେ ବାଣ ନିକ୍ଷେପ କଲେ ସେହି ଦିଗକୁ ଯେଉଁ ଦିଗରେ ରାକ୍ଷସ କୁଳର ଏକ ସମୂହ ଅବସ୍ଥାନ କରୁଥିଲେ । ମୁନିଋଷିଙ୍କ ଯଜ୍ଞରେ ବିଘ୍ନ ସୃଷ୍ଟି କରୁଥିଲେ । ରାକ୍ଷସ ସମୂହ ଧ୍ୱଂସ ହେଲା । ତପସ୍ୱୀଙ୍କ ତପସ୍ୟା ନିର୍ବିଘ୍ନରେ ସମ୍ପାଦିତ ହେବାର ବାଟ ଖୋଲିଲା । ପ୍ରାରମ୍ଭ ହେଲା ସେତୁ ନିର୍ମାଣ ପ୍ରକ୍ରିୟା । ପ୍ରଶସ୍ତ ହେଲା ଲଙ୍କା ଅଭିମୁଖେ ଅନ୍ୟାୟ ବିପକ୍ଷେ ନ୍ୟାୟ ଯୁଦ୍ଧଯାତ୍ରାର ସରଳ ମାର୍ଗ । ଚିନ୍ତାମୁକ୍ତ ହେଲେ ଚିନ୍ତିତ ବାନର ସେନା । ରାମ ପାଦ ପ୍ରକ୍ଷାଳନେ ପରମାନନ୍ଦ ଲଭୁଥାଏ ଉଛୁଳା ତରଙ୍ଗ ।

ନଳ ଏବଂ ନୀଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ । ନଳ ଥିଲେ ମୁଖ୍ୟ ବାସ୍ତୁକାର । ନୀଳ ତାଙ୍କ ସହଯୋଗୀ । ପାଞ୍ଚ ଦିନ ସମୟାବଧି ମଧ୍ୟରେ ସଂପୂର୍ଣ୍ଣ ହୁଏ ଶହେ ଯୋଜନ ଲମ୍ବ ସେତୁ ନିର୍ମାଣ କାମ । ଏଥିରେ ବିଶାଳ ବାନର ସେନାର ପ୍ରଚ୍ଛନ୍ନ ହାତ ରହିଛି । ଛୋଟିଆ ଗୁଣ୍ଡୁଚି ମୂଷା । ତାର ଅବଦାନ କିଛି କମ ନୁହେଁ । ଅବିସ୍ମରଣୀୟ । ନିଆରା ଚିନ୍ତାଧାରା । ଅଦମ୍ୟ ଉତ୍ସାହ । ପ୍ରଗାଢ଼ ଆତ୍ମବିଶ୍ୱାସ । ସମର୍ପଣ ମନୋଭାବ । ମହତ୍ୱାକାଂକ୍ଷା । ପାଣିରେ ବୁଡ଼ିଯାଏ । ଓଦା ଦେହରେ ଗଡ଼ିପଡ଼େ ବାଲିରେ । ଝାଡ଼ିହୋଇପଡେ ସେତୁ ଉପରେ । ଛୋଟ ହେଲେବି ବିଶାଳ ହୃଦୟ । ବିମୁଗ୍ଧ ରାମଚନ୍ଦ୍ର । ଶ୍ରଦ୍ଧାରେ ପିଠି ଆଉଁସି ଦିଅନ୍ତି । ଶ୍ରଦ୍ଧାଗାର ପଡ଼ିଯାଏ ଚିରକାଳ ପାଇଁ । ଆଜି ମଧ ଦୁନିଆଁ ଦେଖେ ତ୍ୟାଗ ଓ ଭକ୍ତିର ପ୍ରତୀକାତ୍ମକ ଚିହ୍ନ ଗୁଣ୍ଡୁଚି ମୂଷାର ପିଠିପଟେ ।

ରାମସେତୁ ବିତର୍କର ବିଷୟ । ଭାସମାନ ପଥର ଉପରେ ଅନେକ ପ୍ରଶ୍ନ, ସନ୍ଦେହ ଏବଂ ଦ୍ୱନ୍ଦ୍ୱ । ପାଣିରେ ନବୁଡି ପଥର ଭାସିଲା କିମିତି ? ପାଞ୍ଚ ଦିନ ଭିତରେ ସୁଦୀର୍ଘ ସେତୁ ନିର୍ମାଣ ସମ୍ଭବ ହେଲା କିପରି ? ଭାସମାନ ପଥର ବ୍ରିଜ ବୁଡ଼ିଲା କାହିଁକି ? ତେବେ ଏମିତିକା ବିବାଦ ଭିତରେ ଆମେରିକୀୟ ବୈଜ୍ଞାନିକମାନେ ରାମସେତୁ ମଣିଷ ନିର୍ମିତ ବୋଲି ମତ ଦିଅନ୍ତି । ଏକ ବିଶେଷ ପ୍ରକାର କଣାଯୁକ୍ତ ହାଲୁକା ପଥର ଉପଯୋଗରେ ଏହି ସେତୁ ତିଆରି । ଏହି ଜ୍ୱାଳାମୁଖୀ ପଥର ପ୍ୟୁମାଇସ ଷ୍ଟୋନ ଭାବେ ପରିଚିତ । ଏପ୍ରକାର ପଥର କଣାରେ ପବନ ଭର୍ତ୍ତି ହୋଇ ରହିଥାଏ । ସମୟାନୁକ୍ରମେ ବିଭିନ୍ନ କାରଣରୁ ପଥର କଣାରେ ପାଣି ପଶିଗଲେ ଏହାର ଘନତ୍ୱ ବଢ଼ିଯାଇଥାଏ । ଅପସାରିତ ଜଳର ଓଜନ ପଥର ଓଜନରୁ କମିଗଲେ ଏହା ବୁଡିବାକୁ ବସେ । ବ୍ୟବହୃତ ପଥର ଅତି ପୁରୁଣା । ପ୍ରାୟ ସାତ ହଜାର ବର୍ଷ ତଳର । ଭାରତର ଦକ୍ଷିଣ ଭାଗରେ ଜ୍ୱାଳାମୁଖୀ ନ ଥିବାରୁ ଏସବୁ ଅନ୍ୟ ସ୍ଥାନରୁ ଅଣାଯାଇଥିବା ଅନୁମାନ କରାଯାଏ । ଯେଉଁ ସ୍ଥାନରେ ସେତୁବନ୍ଧ ନିର୍ମିତ ସେଠି ସମୁଦ୍ରର ଗଭୀରତା ଖୁବ କମ, ନଦୀ ଭଳି । ତେଣୁ ବାଲିପଥର ସେତୁ ନିର୍ମାଣ ଅସମ୍ଭବ ନୁହେଁ ବୋଲି ମତ ମିଳେ । ନିରନ୍ତର ଜୁଆର ମାଡ଼ ଓ ସାମୁଦ୍ରିକ ଝଡ଼ ସେତୁ ବିଲୁପ୍ତିର କାରଣ ବୋଲି ବୈଜ୍ଞାନିକଙ୍କ ମତ । ସତ୍ୟାସତ୍ୟ ଅବଶ୍ୟ ଅଧିକ ଅନୁସନ୍ଧାନ ସାପେକ୍ଷ । ରାଜ୍ୟାଭିଷେକ ଅନ୍ତେ ବିଭୀଷଣ ଲଙ୍କାର ଆନ୍ତରିକ ସୁରକ୍ଷା ଦୃଷ୍ଟିରୁ ରାମସେତୁ ନଷ୍ଟ କରିବାକୁ ସ୍ୱୟଂ ନିଜେ ରାମଚନ୍ଦ୍ରଙ୍କୁ ଅନୁରୋଧ କରିଥିବାର ମାନ୍ୟତା ମିଳେ ।

ନାରୀ ମୁକ୍ତି ସକାଶେ ପୌରାଣିକ କାଳରେ ହୁଏତ ସମୁଦ୍ରର ଉଭୟ ପାର୍ଶ୍ୱସ୍ଥିତ ଦୁଇଟି ଭୂଖଣ୍ଡର ସଂଯୋଗୀକରଣ କରାଯାଇ ଥାଇ ପାରେ । କିନ୍ତୁ ଏବେ ଏହା ଇତିହାସ ଏବଂ ବିଜ୍ଞାନ ମଧ୍ୟରେ ସେତୁ ସ୍ଥାପନର ନିରନ୍ତର ପ୍ରୟାସ କରୁଛି । ଯୋଉଠି ଅତୀତକୁ ବର୍ତ୍ତମାନ ସହିତ, ଯେଉଁଠୁ ଏକ ଉଜ୍ଜ୍ୱଳ ଭବିଷ୍ୟତ କଳ୍ପନା ଅବାନ୍ତର କହିବା ବୋଧେ ଠିକ ହେବ ନାହିଁ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଆଜିର ଚିନ୍ତନ

ସୌନ୍ଦର୍ଯ୍ୟ ଓ ପ୍ରେମ ମାନବୀୟ ବୃତ୍ତିର ଏକ ଅପୂର୍ବ ଅନୁଭବ । ବିଶ୍ୱ ବ୍ରହ୍ମାଣ୍ଡର ସାର୍ବଭୌମିକ ଧର୍ମ ଏହି ସୌନ୍ଦର୍ଯ୍ୟ ଓ ପ୍ରେମ ଉପରେ ଆସ୍ଥା ସ୍ଥାପନ କରି ଛିଡ଼ା ହୋଇଛି । ଅନ୍ତର୍ଦୃଷ୍ଟି ହିଁ ସୌନ୍ଦର୍ଯ୍ୟର ପ୍ରକୃତ ଅନୁଭବ ଦେଉଥିଲା ବେଳେ ହୃଦୟର ପୁଲକ ଭିତରୁ ଶୁଭିଯାଏ ଛନ୍ଦନାହୀନ ପ୍ରେମର ସଂଗୀତ । ଯାହାର ପରିଣତିରେ ଅଦୃଶ୍ୟ ସତ୍ତା ସବୁ ଦୃଶ୍ୟମାନ ହୁଏ । ପୁଣି ଯେଉଁଠି ସୌନ୍ଦର୍ଯ୍ୟ ଓ ପ୍ରେମର ମହାମିଳନ ଘଟେ, ସେଇଠି ମାନବୀୟ ଚିତ୍ତବୃତ୍ତି ଅପୂର୍ବ ଆଲୋକରେ ଉଦ୍ଭାସିତ - ହୁଏ । ଜୀବନରେ ସୌନ୍ଦର୍ଯ୍ୟ ଓ ପ୍ରେମର ଅନ୍ତର୍ଦୃଷ୍ଟି ହିଁ ଅନନ୍ତ ଓ ଅକ୍ଷୟ । - ଲିଓନାର୍ଡୋ ଜଣେ ଚିତ୍ରଶିଳ୍ପୀ, ମୂର୍ତ୍ତିଶିଳ୍ପୀ, ଆର୍କିଟେକ୍ଟ, ସଙ୍ଗୀତ, ଦକ୍ଷ ମେକାନିକ୍ ଇଞ୍ଜିନିୟର ଓ ବୈଜ୍ଞାନିକ ଥିଲେ । ଲିଓନାର୍ଡୋଙ୍କର ଶାରୀରିକ ସୌନ୍ଦର୍ଯ୍ୟ ଏବଂ ଜୀବନ୍ତତା ସହିତ ତାଙ୍କ ପ୍ରକୃତିର ଆକର୍ଷଣ, ଚତୁରତା ଏବଂ ବୈଦିକ ଦକ୍ଷତା ପ୍ରଶଂସନୀୟ । ଥରେ ସେ ରାସ୍ତାରେ ବୁଲୁଥିଲେ । ପ୍ରାୟତଃ ସେ ନିରାହ ଅସୁସ୍ଥ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଚେହେରାକୁ ଅଧ୍ୟୟନ କରୁଥିଲେ । ଏତେ ପ୍ରତିଭାବାନ ବ୍ୟକ୍ତିତ୍ୱ ଏଭଳି ଦୃଶ୍ୟ ଦେଖିବାକୁ କାହିଁକି ଭଲପାଆନ୍ତି ତାହା ଦେଖୁ ଲୋକେ ଅଶ୍ଚର୍ଯ୍ୟ ହେଉଥିଲେ । ଜଣେ ବୃଦ୍ଧ ଜିଏସତୋଙ୍କୁ ପଚାରିଲେ – ଆପଣ ଏହିଭଳି ଖରାପ ଲୋକଙ୍କ ଚେହେରାକୁ ଦେଖିବାକୁ କାହିଁକି ଇଚ୍ଛା କରନ୍ତି ? ଆପଣ ବହୁତ ସୁନ୍ଦର ? ଆପଣ ଭଲ ଜିନିଷକୁ ଛାଡ଼ି ଗଳିକନ୍ଦି, ଛୋଟା, କେଙ୍ଗା, ଅନ୍ଧ, ମୂକ, ବଧିର ଲୋକଙ୍କୁ ଦେଖିବାକୁ କାହିଁକି ଭଲପାଆନ୍ତି ? ଲିଓନାର୍ଡୋ ବିନମ୍ରତାର ସହିତ ଉତ୍ତର ଦେଇଥିଲେ 'ମୁଁ ମନୁଷ୍ୟର ଭାବନାକୁ ବୁଝିବାକୁ ଚାହୁଁଛି । ପ୍ରତ୍ୟେକ ଚେହେରା ମଧ୍ୟରେ ଏକ କାହାଣୀ ଲୁଚି ରହିଛି । ଦୁଃଖ ଭିତରେ ହିଁ ତାର ଅନ୍ତର୍ଦୃଷ୍ଟିର ସୌନ୍ଦର୍ଯ୍ୟ ଲୁଚି ରହିଛି । ଯଦି ମୁଁ ତାର ଦୁଃଖକୁ ବୁଝିପାରିବି ନାହିଁ, ତେବେ ମୁଁ ସୁଖକୁ କିପରି ଚିତ୍ରଣ କରିବି ?' ବୃଦ୍ଧ କହିଲେ– ଏହାଦ୍ୱାରା ଆପଣଙ୍କର ପଦ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଥିବ ? ଲିଓନାର୍ଡୋ ହସି ହସି କହିଲେ- ପଦ ମର୍ଯ୍ୟାଦା ପ୍ରତିଷ୍ଠା ଅସ୍ଥାୟୀ, କିନ୍ତୁ ଜ୍ଞାନ ଅନନ୍ତ । ମୁଁ ଜୀବନର ପ୍ରତ୍ୟେକ ଦିଗରୁ ଜ୍ଞାନ ଆହରଣ କରିବାକୁ ଇଚ୍ଛା କରୁଛି । ଲିଓନାର୍ଡୋ ମାନବୀୟ ଭାବନା ବିଷୟରେ ଗଭୀର ଅଧ୍ୟୟନ କରୁଥିଲେ ଏବଂ ତାଙ୍କର ଚିତ୍ରକଳାରେ ତାହାକୁ ବିକଶିତ କରୁଥିଲେ । ତେଣୁ ତାଙ୍କର ଚିତ୍ରକଳା ଜୀବନ୍ତ ଦେଖା ଯାଉଥିଲା । ବାସ୍ତବରେ ସେ ଅନୁଭବ କରୁଥିଲେ ଅନ୍ତ ହିଁ ସୌନ୍ଦର୍ଯ୍ୟ ।

# ପୁଅର ବାପାଙ୍କୁ ଚିଠି ଟିଏ...

ପୂଜନୀୟ ବାପା,

ମୋର ପ୍ରଣାମ ନେବେ ଓ ଆଜି ସୁଦୂର ଆମେରିକାରୁ ଥାଇ ଏ ଚିଠି ଲେଖୁଛି ଓ କିଛି କଥା ତୁମକୁ ସାମ୍ନାରେ କହିବାର ସାହସ ନାହିଁ । ସେଥିପାଇଁ ଚିଠି ଟିଏ ଲେଖୁଛି, କ୍ଷମା କରିଦେବେ ।

ଆଜି ସକାଳୁ ସକାଳୁ ଆମ ଓଡିଶାର ଗୋଟେ ପ୍ରସିଦ୍ଧ ଖବର କାଗଜରୁ ଜାଣିବାକୁ ପାଇଲି ଯେ ତୁମେ ତୁମର ସବୁ ସ୍ଥାବର ଅସ୍ଥାବର ସମ୍ପତ୍ତି ଗୋଟେ ବୃଦ୍ଧାଶ୍ରମକୁ ଦାନରେ ଦେବା ପାଇଁ ଇଚ୍ଛାପତ୍ର କରି ଦେଇଛ । ସେ ଖବର କାଗଜର ସୂତ୍ର ଅନୁସାରେ ତୁମର ଗୋଟେ ବୋଲି ପୁଅ ତୁମର ଦେଖା ଚାହିଁ, ନ କରିବାରୁ ତୁମେ ଏମିତି ଏକ ପଦକ୍ଷେପ ନେଇଚ ।

ବାପା, ଆପଣଙ୍କର ଏଇ ଗୋଟେ ନିଷ୍ପତି ଯୋଗୁଁ ସମାଜର ଆଖିରେ ଆଜି ମୁଁ ଗୋଟେ କୁଳାଙ୍ଗାର, ଅପଦାର୍ଥ, ସ୍ୱାର୍ଥପର ପୁଅ । ହେଲେ ଆଜି ମୁଁ ନିଜକୁ ନିଜେ ପ୍ରଶ୍ନ କରୁଛି, ମୋର ଏ ପରିସ୍ଥିତି ପାଇଁ ଦାୟୀ କିଏ ? ବାପା ତୁମେ ନୁହଁତ ?

ମୋ ବାପା, ମୋ ପାଇଁ ଭଗବାନ ।

ଭଗବାନ କେବେ କଣ ଭୁଲ କରି ପାରନ୍ତି ?

ନା, କେବେ ନୁହେଁ ?

ତେବେ ଭୁଲ ରହିଲା କେଉଁଠି ?

ମୋ ଅବସ୍ଥା ଆଜି ଏମିତି କାହିଁକି ହେଲା ? ଜୀବନରେ ବାପା ଆପଣଙ୍କ କଥାକୁ ବେଦର ଗାର ମାନି ମୁଁ ଚଳିଆସିଛି ଓ ତେବେ ଆଜି କେଉଁଠି ଭୁଲ ରହିଗଲା ?

ବାପା, ମୋର ନର୍ସରୀ ଶ୍ରେଣୀ ଠାରୁ ଆରମ୍ଭ କରି ହେତୁ ହେଲା ଦିନ ଯାଏ ଆପଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଠ ପଢି ଆସିଛି । ମୋର ମନେ ଅଛି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଆମ ଜିଲ୍ଲାରେ ମୁଁ ଦ୍ୱିତୀୟ ସ୍ଥାନ ଅଧିକାର କରି ବୃତ୍ତି ପାଇବା ପାଇଁ ମନୋନୀତ ହୋଇଥିଲି । କିନ୍ତୁ ସେଦିନ ଆପଣ ଖୁସି ହେଇ ନଥିଲେ । ସ୍କୁଲରୁ ଫେରିଲା ବେଳେ ମୋତେ ପ୍ରଶ୍ନ ଟିଏ ପଚାରିଥିଲେ ।

ଚନ୍ଦ୍ରରେ ପାଦ ଦେଇଥିବା ପ୍ରଥମ ବ୍ୟକ୍ତି କିଏ ? ମୁଁ ତତ୍‌କ୍ଷଣାତ ଉତ୍ତର ଦେଇଥିଲି, ନୀଲ ଆର୍ମଷ୍ଟ୍ରଙ୍ଗ । କିଛି ସମୟ ପରେ ପଚାରିଲେ ଚନ୍ଦ୍ରରେ ପାଦ ଦେଇଥିବା ଦ୍ୱିତୀୟ ବ୍ୟକ୍ତି ନାମ କଣ ? ମୁଁ କହିପାରି ନ ଥିଲି । ଆପଣ କହିଥିଲେ କେହିବି ଦ୍ୱିତୀୟ ବ୍ୟକ୍ତିର ନାମ ମନେ ରଖନ୍ତି ନି ଓ ସମସ୍ତେ ପ୍ରଥମକୁ ମନେ ରଖନ୍ତି । ଜୀବନରେ ସବୁ ବେଳେ ପ୍ରଥମ ହେବା ପାଇଁ ଚେଷ୍ଟା କର ।

ସେହି ଦିନ ଠୁ ମୁଁ ପ୍ରଥମ ହେବା ପାଇଁ ଧାଇଁ ଚାଲିଛି । ସେଇଟା କଣ ମୋର ଭୁଲ ?

ଯେଉଁ ବୟସରେ ମୋ ସାଙ୍ଗ ମାନେ ଖେଳ କୁଦରେ ମାତିଥାନ୍ତି, ମୁଁ ସେ ବୟସରେ ପାଠ ପଢୁଥିଲି, କାରଣ ଦ୍ୱିତୀୟ ହେବାର ଭୟ ମୋ ମୁଣ୍ଡରେ ଥିଲା ।

ଷଷ୍ଠ ଶ୍ରେଣୀରୁ ମୋତେ ଆପଣ ଆଇଆଇଟି କେମିତି ପଢ଼ିବି ସେଥିପାଇଁ ମୋତେ ଫିଟଜି ଭଳି କୋଚିଂ କ୍ଲାସରେ ଆଡ଼ମିସନ କରିଦେଲେ । ବାର ବର୍ଷ ବୟସରେ ଆପଣ ମୋତେ ଇଂଜିନିୟର କରିବା ପାଇଁ ଏକ ପ୍ରକାର ମନସ୍ଥ କରିସାରିଥିଲେ । କେବେବି ଜାଣିବାକୁ ଚେଷ୍ଟା କରି ନ ଥିଲେ ମୋର ପସନ୍ଦ କଣ । ମୁଁ କେତେ ସୁନ୍ଦର ଗପ ସବୁ ଲେଖୁଥିଲି । ମୁଁ ଲେଖୁଥିବା ରଚନାକୁ ଆମ ଓଡ଼ିଆ ସାର ସବୁ ପିଲାଙ୍କୁ ପଢି ଶୁଣାଉଥିଲେ । ହେଲେ ଆପଣଙ୍କ ନଜରରେ କେବଳ ବିଜ୍ଞାନ ଆଉ ଗଣିତ ହିଁ ଜରୁରୀ ପାଠ ଥିଲା, ଓଡ଼ିଆ ଇତିହାସ ଚିତ୍ରାଙ୍କନ ଆଦି କେବଳ କାମଚଳା ପାଠ ।

ମୁଁ ଆପଣଙ୍କ ଇଚ୍ଛା ମୁତାବକ ଦଶମରେ କୃତିତ୍ୱ ସହକାରେ ପ୍ରଥମ ଶ୍ରେଣୀରେ ପାସ କଲି । ସବୁ ପିଲା ମାନଙ୍କ ପରି ମୋର ବି କଲେଜ ଜୀବନରେ କିଛି ସ୍ୱାଧୀନତା ମିଳିବ ବୋଲି ଆଶା କରିଥିଲି । କିନ୍ତୁ ଆପଣ ମୋତେ କଲେଜ ହିଁ ପଠାଇଲେ ନାହିଁ । ସୁଦୂର ରାଜସ୍ଥାନର କୋଟା ସହରରେ କୋଚିଂ ପାଇଁ ପଠେଇ ଦେଲେ ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

ବର୍ଷ ୨୯, ସଂଖ୍ୟା - ୩, ୧୯ - ୨୫ ଜାନୁଆରୀ ୨୦୨୫

# ସ୍ମାର୍ଟ ଫୋନ୍‌ର ଦାସ ମଣିଷ

ଅଷ୍ଟ୍ରେଲିଆ ସରକାର ଷୋହଳ ବର୍ଷରୁ କମ୍ ଶିଶୁ ଓ ଯୁବବର୍ଗଙ୍କୁ ସାମାଜିକ ଗଣମାଧମର ଉପଯୋଗକୁ ନିଷେଧ କରିବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି । ଏ ନିଷ୍ପତ୍ତି କିଭଳି କାର୍ଯ୍ୟକାରୀ ହେବ ଏବଂ କେତେଦୂର ସଫଳ ହେବ ତାହା କହିବା କଷ୍ଟସାଧ ହେଲେ ମଧ ସ୍ୱାଗତଯୋଗ୍ୟ ଓ ପ୍ରଣିଧାନଯୋଗ୍ୟ । ଆଜି ସାମାଜିକ ଗଣମାଧମର କୁପ୍ରଭାବ ସଂପୂର୍ଣ୍ଣ ସମାଜକୁ କର୍କଟ ଭଳି ଗ୍ରାସ କରିସାରିଲାଣି । ଆଉ ଏହାର କୁପ୍ରଭାବର ପ୍ରଚଣ୍ଡ ଶିକାର ଯୁବକ ଯୁବତୀ ଓ ଛୋଟ ଛୋଟ ପିଲା । ସେମାନଙ୍କୁ କୌଣସି ପ୍ରକାର ତାଗିଦ୍ କଲେ ଅଭିମାନ, ଅପମାନ ଏପରିକି ବେଳେବେଳେ ସାମାଜିକ ଗଣମାଧମ ଶୈଳୀରେ ଧମକ ଚମକ୍ ଶୁଣିବାକୁ ମିଳିଥାଏ । ବାପାମାଆ ମାନେ ମଧ ସେମାନଙ୍କ ଆଚରଣ ଦେଖି ନିରାଶ ଓ ନିରୁପାୟ । ସତ କଥା କହିବାକୁ ଗଲେ ଆଜି ମଣିଷ ତିଆରି ସ୍ମାର୍ଟ୍ ଫୋନ୍ ସ୍ମାର୍ଟ୍ ହୋଇଯାଇଛି କିନ୍ତୁ ଜନ୍ମଦାତା ମଣିଷ ତା'ର ଦାସ ହୋଇଯାଇଛି ଯାହାକି ବିଡ଼ମ୍ବନାର ବିଷୟ ।


ତଥ୍ୟାନୁସାରେ, ୧୩-୧୭ ବର୍ଷର ପ୍ରାୟ ୯୫% ଯୁବବର୍ଗ ସାମାଜିକ ଗଣମାଧମ ବ୍ୟବହାର କରିଥାନ୍ତି । ଏପରିକି ଏହି ବୟସର ଦୁଇ ତୃତୀୟାଂଶ କିଶୋର କିଶୋରୀ ପ୍ରତିଦିନ ସାମାଜିକ ଗଣମାଧମ ଉପଯୋଗ କରିଥାନ୍ତି । ୨୦୨୩ ମସିହାର ପରିସଂଖ୍ୟାନ ଅନୁଯାୟୀ ୯୩% ଯୁବଗୋଷ୍ଠୀ ୟୁଟ୍ୟୁବ, ୬୩% ଟିକଟକ୍, ୬୦% ସ୍ନାପଚାଟ, ୫୯% ଇନଷ୍ଟାଗ୍ରାମ, ୩୩% ଫେସବୁକ, ୨୮% ଯୁବବର୍ଗ ଡିସକୋର୍ଡ୍ ଉପଯୋଗ କରିଥାନ୍ତି । ସେହିପରି ୭୧% ଯୁବଗୋଷ୍ଠୀ ୟୁଟ୍ୟୁବ, ୫୮% ଟିକଟକ୍, ୫୧% ସ୍ନାପଚାଟ, ୪୭% ଇନଷ୍ଟାଗ୍ରାମ ପ୍ରତିଦିନ ବ୍ୟବହାର କରିଥାନ୍ତି । କିନ୍ତୁ ସ୍ମାର୍ଟ୍ ଫୋନ୍ ମାଧମରେ ଅତ୍ୟଧିକ ସାମାଜିକ ଗଣମାଧମର ଉପଯୋଗ ଶିଶୁ ଓ ଯୁବଗୋଷ୍ଠୀଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର କୁପ୍ରଭାବ ପକାଇଥାଏ । ପ୍ରଥମତଃ, ସାମାଜିକ ଗଣମାଧମର ବହୁଳ ବ୍ୟବହାର ଯୁବଗୋଷ୍ଠୀଙ୍କ ମୂଲ୍ୟବାନ ସମୟ ଅପଚୟ ହେଉଛି । ଯଦି ନିଜର ଦକ୍ଷତା ବୃଦ୍ଧି ପାଇଁ ଏହାକୁ ବ୍ୟବହାର କରୁଛନ୍ତି କିଛି ଅସୁବିଧା ନାହିଁ । କିନ୍ତୁ ଅନେକାଂଶ ସମୟ ଶିଶୁ ଓ ଯୁବବର୍ଗ ଅନାବଶ୍ୟକ ଭିଡିଓ ଦେଖି ସମୟ ବରବାଦ କରିଥାନ୍ତି ଯାହାକି ସେମାନଙ୍କ ଆଚରଣ ଓ ଚରିତ୍ର ଉପରେ ଗଭୀର ପ୍ରଭାବ ପଡିଥାଏ । ଦ୍ୱିତୀୟରେ, ସାମାଜିକ ଗଣମାଧମର ବହୁଳ ବ୍ୟବହାର ଯୁବଗୋଷ୍ଠୀଙ୍କ ସୃଜନଶୀଳ, ଉତ୍କୃଷ୍ଟ ଚିନ୍ତା ଓ ଚେତନା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।

ତୃତୀୟରେ, ସାମାଜିକ ଗଣମାଧମରେ ପ୍ରଚାରିତ ଓ ପ୍ରସାରିତ ଭ୍ରମାତ୍ମକ ତଥ୍ୟ ଯୁବଗୋଷ୍ଠୀଙ୍କୁ ବିପଥଗାମୀ କରିଥାଏ । କାରଣ ଅଧିକାଂଶ ସମୟରେ ଶିଶୁ ଓ ଯୁବବର୍ଗ ଭିଡିଓ ବା ବିଭିନ୍ନ ବାର୍ତ୍ତା ଗୁଡ଼ିକର ସତ୍ୟତା ବିଶ୍ଳେଷଣ ବା ସମୀକ୍ଷା ନକରି ଅନ୍ଧଭାବରେ ଗ୍ରହଣ କରିଥାଆନ୍ତି ଯାହାକି ସେମାନଙ୍କର ବ୍ୟକ୍ତିଗତ ଓ ସଂପୂର୍ଣ୍ଣ ସମାଜର ଅଶେଷ କ୍ଷତି କରିଥାଏ । ଚତୁର୍ଥରେ, ସାମାଜିକ ଗଣମାଧମରେ ନିଜ ଫଟୋ, ଭିଡିଓ ବା ରିଲ୍ସ ପରିବେଷଣ କରି ରାତାରାତି ଲୋକପ୍ରିୟତା ପାଇବା ନିଶାରେ ଦୁର୍ଘଟଣାର ଶିକାର ହୋଇ ଅକାଳରେ ଜୀବନ ହରେଇଥାନ୍ତି ଯାହାକି ଆଜିର ସଭ୍ୟ ସମାଜ ପାଇଁ ଏକ ମହା ସଙ୍କଟ । ପଞ୍ଚମରେ, ଘଣ୍ଟା ଘଣ୍ଟା ସ୍ମାର୍ଟ୍ ଫୋନ୍ ବ୍ୟବହାର କରିବା ଦ୍ୱାର ଶିଶୁ ଓ ଯୁବଗୋଷ୍ଠୀଙ୍କ ଆଖି ଉପରେ ଗଭୀର ପକାଇବା ସହ ସ୍ମୃତିଶକ୍ତି, ଚିନ୍ତାଶକ୍ତି, ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଷଷ୍ଠରେ, ଆଜି ଏଭଳି ପରିସ୍ଥିତି ହୋଇଛି କି ଯେକୌଣସି ଲୋକ ଯେ କୌଣସି ଭିଡିଓ ପ୍ରସ୍ତୁତ କରି ସାମାଜିକ ଗଣମାଧମରେ ପ୍ରଚାରିତ କରୁଛନ୍ତି । ଅନେକ ସମୟରେ ସାମାଜିକ ସଦଭାବନା, ସଂହତି ଓ ଭାଇଚାରା ଉପରେ ପ୍ରଭାବ ପକାଇଥାଏ । ବେଳେବେଳେ ଭ୍ରମାତ୍ମକ ତଥ୍ୟ, ବାର୍ତ୍ତା, ଦୃଶ୍ୟ ବା ଦୃଶ୍ୟଶ୍ରାବ୍ୟ ତଥ୍ୟ ଗୋଷ୍ଠୀ ସଂଘର୍ଷ ଭଳି ପରିସ୍ଥିତି ସୃଷ୍ଟି କରୁଛି ଯାହା ସଭ୍ୟ ସମାଜ ପାଇଁ ଗ୍ରହଣୀୟ ନୁହେଁ । ସପ୍ତମରେ, ସାମାଜିକ ଗଣମାଧମ ଶିଶୁ ଓ ଯୁବଗୋଷ୍ଠୀଙ୍କ ପାଠପଢ଼ା ଓ ପ୍ରସ୍ତୁତି ଉପରେ ବିଶେଷ ପ୍ରଭାବ ପକାଉଛି । ସାଙ୍ଗସାଥୀଙ୍କ ସହ ବାର୍ତ୍ତାଳାପ, ଭିଡିଓ ଅପଲୋଡ଼ ପାଇଁ ଏତେ ସମୟ ଅପଚୟ କରୁଛନ୍ତି ଯେ ସେମାନେ ସେମାନଙ୍କ ପାଠପଢା ପାଇଁ ସମୟ ଦେଇପାରୁ ନାହାଁନ୍ତି । ଅଷ୍ଟମରେ, ସ୍ମାର୍ଟ୍ ଫୋନ୍ ମାଧମରେ ବିଭିନ୍ନ ଖେଳ ଶିଶୁ ଓ ଯୁବଗୋଷ୍ଠୀଙ୍କୁ ବିପଥଗାମୀ କରାଉଛି । ଅନେକ ସମୟରେ ସେମାନଙ୍କ ଅକାଳ ବିୟୋଗ ହେଉଛି । ଆଉ କେହି କେହି ବାପାମାଆଙ୍କ କଷ୍ଟ ଅର୍ଜିତ ଧନକୁ ଅନଲାଇନ୍ ଖେଳରେ ଉଡେଇ ଦିଅନ୍ତି । ତେଣୁ ସ୍ମାର୍ଟ୍ ଫୋନ୍ ଓ ସାମାଜିକ ଗଣମାଧମ ଆର୍ଥିକ ସଙ୍କଟର କାରଣ ମଧ । ନବମରେ, ସାମାଜିକ ଗଣମାଧମ ଆମକୁ ସମାଜ ଛଡ଼ା, ସମ୍ପର୍କ ଛଡ଼ା କରୁଛି । ଆଜି ଆବାଳବୃଦ୍ଧବନିତା ସମସ୍ତେ ଏ ସାମାଜିକ ଗଣମାଧମର ପ୍ରଭାବରେ ପ୍ରଭାବିତ ଏବଂ ଘେରବନ୍ଦୀ ।

ଶେଷରେ, ସାମାଜିକ ଗଣମାଧମ ଶିଶୁ ଓ ଯୁବଗୋଷ୍ଠୀଙ୍କ ଭିତରେ ହିଂସା, ଅପରାଧ, ଚୋରି, ଲୁଟପାଟ୍ ଭଳି କୁକାର୍ଯ୍ୟ କରିବା ପାଇଁ ମଧ ପ୍ରବର୍ତ୍ତାଇ ଥାଏ । ତେଣୁ ବିଶ୍ୱର ସବୁଦେଶ ଶିଶୁ ଓ ଯୁବଗୋଷ୍ଠୀଙ୍କୁ (ଅନ୍ତତଃ ୧୯ ବର୍ଷ ଯାଏଁ) ସାମାଜିକ ଗଣମାଧମ କବଳରୁ ଦୂରେଇ ରଖିବା ପାଇଁ ଆଇନ୍ ପ୍ରଣୟନ କରିବା ଉଚିତ୍ । ନଚେତ୍ ସ୍ମାର୍ଟ୍ ଫୋନ୍ ଓ ସାମାଜିକ ଗଣମାଧମ ଆମ ଯୁବଗୋଷ୍ଠୀଙ୍କ ସୁଖ, ଶାନ୍ତି, ଭବିଷ୍ୟତ ତଥା ସର୍ବସ୍ୱ ଲୁଟିନେଇ ନିଃସହାୟ ଓ ନିଃସଙ୍ଗ କରିଦେବ । ପ୍ରତିକାର ହିଁ ସମାଧାନର ସୂତ୍ର ।

# କର୍ମର ସନ୍ଦେଶ

## ମହାତ୍ମା ଗାନ୍ଧୀ



କର୍ମ ଉପରେ ଯେତେ ଅଧିକ ମହତ୍ତ୍ୱ ହେଇ କହିଲେ ମଧ ତାହା ତାହା କଦାପି ଅତିରିକ୍ତ ହେବ ନାହିଁ । ଗୀତାରେ ଯେଉଁଠାରେ ଭଗବାନ 'ମୁଁ ଯଦି ନିଦ୍ରାରହିତ ଭାବରେ ଅନୁକ୍ଷଣ କର୍ମ କରୁ ନ ଥାନ୍ତି, ତେବେ ମନୁଷ୍ୟଗଣଙ୍କ ଲାଗି ମୁଁ ଏକ ମନ୍ଦ ଦୃଷ୍ଟାନ୍ତ ହୋଇ ରହିଥାନ୍ତି' ବୋଲି କହିଛନ୍ତି, ମୁଁ କେବଳ ସେହି ସନ୍ଦେଶଟିର ପୁନରାବୃତ୍ତି ହିଁ କରୁଛି ।

ଯଦି ବୁଦ୍ଧଙ୍କ ପରି ଏକ ବ୍ୟକ୍ତିତ୍ୱର ମୁହାଁମୁହିଁ ହୋଇ ଠିଆ ହେବାଲାଗି ମୋର ସୌଭାଗ୍ୟ ହୁଅନ୍ତା, ତେବେ ଧ୍ୟାନର ବାର୍ତ୍ତା ପ୍ରଚାର ନ କରି ସେ କାହିଁକି ବରଂ କର୍ମର ବାର୍ତ୍ତା ପ୍ରଚାର କଲେ ନାହିଁ ବୋଲି ତାଙ୍କୁ ପଚାରିବାକୁ ମୁଁ ମୋଟେ କୁଣ୍ଠାବୋଧ କରନ୍ତି ନାହିଁ । ଏହି ସନ୍ଥମାନଙ୍କୁ (ତୁକାରାମ, ଜ୍ଞାନଦେବ, ପ୍ରଭୃତି) ଭେଟିବାର ହେଲେ ସେମାନଙ୍କୁ ମଧ ମୁଁ ସେହି ପ୍ରଶ୍ନ ପଚାରନ୍ତି ।

ମଣିଷ ଝାଳବୁହା ଶ୍ରମଦ୍ୱାରା ନିଜ ଭୋଜନକୁ ନିଜେ କମାଇବ ବୋଲି ଭଗବାନ ମନୁଷ୍ୟକୁ ସୃଷ୍ଟି କରିଥିଲେ । ସତେଅବା କେଉଁ ଯାଦୁଗରର ଟୋପି ଭିତରୁ ଆମେ ଆମର ଖାଦ୍ୟ ସାମଗ୍ରୀ ସମେତ ପ୍ରୟୋଜନୀୟ ସକଳ ବସ୍ତୁକୁ ସୃଷ୍ଟି କରାଇ ଆଣିବୁ, ଏପରି ଏକ ଧାରଣା ପ୍ରତି ମୋ'ର ଭୀଷଣ ଭୟ ରହିଛି ।

ଯେ ପର୍ଯ୍ୟନ୍ତ ଜଣେ ମଧ ସମର୍ଥଶରୀର ବ୍ୟକ୍ତି, ପୁରୁଷ ବା ସ୍ତ୍ରୀ, କାର୍ଯ୍ୟ ଅଥବା ଅନ୍ନବିନା କାଳ କାଟିବାକୁ ବାଧ ହେଉଛି, ସେ ପର୍ଯ୍ୟନ୍ତ କୌଣସି ବିଶ୍ରାମ ଗ୍ରହଣ କରିବା କିମ୍ବା ପେଟପୁରା ଆହାର ଭକ୍ଷଣ କରିବା ବିଷୟରେ ଆମର ଲଜ୍ଜା ଅନୁଭବ କରିବା ଉଚିତ ।

ଆମ ଦେଶରେ ଏହି ଭୀଷଣ ଦାରିଦ୍ର୍ୟ ଏବଂ ବେକାରୀ ଦେଖି ମୁଁ ପ୍ରକୃତରେ କାନ୍ଦି ପକାଉଛି, ମାତ୍ର ମୋତେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ଆମ ନିଜର ଅବହେଳା ଏବଂ ଅଜ୍ଞାନ ଏଥିପାଇଁ ମୁଖ୍ୟତଃ ଦାୟୀ । ଶ୍ରମର ମର୍ଯ୍ୟାଦା ବିଷୟରେ ଆମର ଆଦୌ କୌଣସି ସଜ୍ଞାନତା ନାହିଁ । ଏଣୁ, ଜଣେ ମୋଚି କେବଳ ଜୋତା ତିଆରି କରିବା ବ୍ୟତୀତ ଆଉ ଅନ୍ୟକିଛି କରିବ ନାହିଁ । ଅନ୍ୟ ଯାବତୀୟ କାର୍ଯ୍ୟ ତା' ମର୍ଯ୍ୟାଦା ତଳେ ବୋଲି ସେ ଭାବିବ । ସେହି ଭୁଲ୍ ଧାରଣାଟିକୁ ଯିବାକୁ ହିଁ ପଡିବ ।

ନିଜ ହାତ ଗୋଡ଼କୁ ବ୍ୟବହାର କରି ସାଧୁତାର ସହିତ କାର୍ଯ୍ୟ କରିବାକୁ ଇଚ୍ଛା କରୁଥିବା ସମସ୍ତଙ୍କ ସକାଶେ ଭାରତ ବର୍ଷରେ ଯଥେଷ୍ଟ କର୍ମସଂସ୍ଥାନ ରହିଛି । ଭଗବାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ କର୍ମ କରିବାର ଏବଂ କେବଳ ତାହାର ଦୈନନ୍ଦିନ ଆହାର ବ୍ୟତୀତ ଅଧିକ ଉପାର୍ଜନ କରିବାର ସାମର୍ଥ୍ୟ ଅବଶ୍ୟ ଦେଇଛନ୍ତି ଏବଂ ସେହି ସାମର୍ଥ୍ୟକୁ ଯିଏ କାର୍ଯ୍ୟରେ ଲଗାଇବାକୁ ପ୍ରସ୍ତୁତ ହେବ, ସିଏ ନିଶ୍ଚୟ କାର୍ଯ୍ୟ ପାଇପାରିବ । ଯିଏ ସାଧୁତାର ସହିତ କିଞ୍ଚିତ ରୋଜଗାର କରିବାକୁ ଇଚ୍ଛା କରିବ ତା' ଲାଗି କୌଣସି ପ୍ରକାରର କାର୍ଯ୍ୟ କଦାପି ନୀଚ ବୋଲି ଦେଖାଯିବ ନାହିଁ । ଅସଲ କଥା ହେଉଛି, ଭଗବାନ ଆମକୁ ଯେଉଁ ହାତ ଓ ଗୋଡ଼ ଦେଇଛନ୍ତି, ଆମେ ତାହାକୁ ବ୍ୟବହାର କରିବାକୁ ପ୍ରସ୍ତୁତ ଥିବା । ଦେଶରେ ଯେତେ ପୁରୁଷ ଓ ସ୍ତ୍ରୀ କାମ ପାଉ ନାହାନ୍ତି, ସେମାନଙ୍କର ସଂଖ୍ୟା ଯେତେ ଅଧିକ ହେଉ ପଛକେ, ସେମାନଙ୍କୁ ଅନ୍ତତଃ ଉଦରଭରଣ ହେଲା ଭଳି କାମ ଯୋଗାଇଦେବା ଏକ ସରକାରର ଅବଶ୍ୟ କର୍ତ୍ତବ୍ୟ ।

ମୋତେ କେହି ଯେପରି ଭୁଲ୍ ନ ବୁଝନ୍ତି । ମୁଁ ବୌଦ୍ଧିକ ଶ୍ରମର ମୂଲ୍ୟକୁ କଦାପି ଉଣା କରି ଦେଖିବାକୁ ଚାହୁଁ ନାହୁଁ । ମାତ୍ର ସମସ୍ତଙ୍କର କଲ୍ୟାଣ ନିମନ୍ତେ ଯେଉଁ ଶାରୀରିକ ଶ୍ରମକୁ ଦେଇ ପାରିବା ଲାଗି ଆମ ପ୍ରତ୍ୟେକଙ୍କର ଜନ୍ମ ହୋଇଛି, କୌଣସି ପରିମାଣର ବୌଦ୍ଧିକ ଶ୍ରମକୁ ମଧ ତାହାର କ୍ଷତିପୂରଣ ରୂପେ ଗ୍ରହଣ କରାଯିବା ଉଚିତ ନୁହେଁ । ବୌଦ୍ଧିକ ଶ୍ରମ ହୁଏତ ଅନେକ ସମୟରେ ଶାରୀରିକ ଶ୍ରମଠାରୁ ଅନନ୍ତ ଗୁଣରେ ଅଧିକ ଉଚ୍ଚ ସ୍ତରର ହୋଇପାରିବ ନାହିଁ । ବୌଦ୍ଧିକ ଭୋଜନ ଯେପରି ଆମେ ଖାଉଥିବା ଶସ୍ୟଠାରୁ ଅଧିକ ଉଚ୍ଚସ୍ତର ହୋଇଥିଲେ ମଧ ତଥାପି କଦାପି ତାହାର ବିକଳ୍ପ ହୋଇପାରିବ ନାହିଁ, ଏହା ଠିକ୍ ସେହିପରି ଏକ କଥା । ବସ୍ତୁତଃ ଏହି ପୃଥିବୀ ଆମକୁ ଯାହାକିଛି ଉତ୍ପାଦନ କରି ଦେଉଛି, ସେଗୁଡିକ ବ୍ୟତୀତ ବୁଦ୍ଧି ଉତ୍ପାଦନ କରି ଦେଉଥିବା ବସ୍ତୁଗୁଡିକ କଦାପି ସମ୍ଭବ ହିଁ ହେବ ନାହିଁ ।

ବୌଦ୍ଧିକ ଶ୍ରମ କରି କ'ଣ ଲୋକମାନେ ଆପଣାର ଉଦରଭରଣ କରି ପାରିବେ ନାହିଁ ? ନା କଦାପି ନୁହେଁ । ଶରୀରର ଯାହା ଆବଶ୍ୟକ, ଶରୀର ହିଁ ତାହା ଯୋଗାଇଦେବା ଉଚିତ । ସମ୍ରାଟଙ୍କର ପ୍ରାପ୍ୟ ସମ୍ରାଟଙ୍କୁ ହିଁ ବୁଝାଇଦେବା ଉଚିତ । ଏହି ଉକ୍ତିଟି ସମ୍ଭବତଃ ଏଠାରେ ବେଶ୍ ପ୍ରଯୁଜ୍ୟ ହେବ । କେବଳ ମାନସିକ ଅର୍ଥାତ୍ ବୌଦ୍ଧିକ ଶ୍ରମ ହେଉଛି ଆତ୍ମାଲାଗି ଏବଂ ତାହାର ନିଜର ସନ୍ତୋଷ ବିଧାନ ଲାଗି । ଏହାର ଆଦୌ କୌଣସି ମୂଲ୍ୟ ପାଇବାର ଦାବି କରିବା ଉଚିତ ନୁହେଁ । ଏକ ଆଦର୍ଶ ରାଷ୍ଟ୍ରରେ ଡାକ୍ତର, ଓକିଲ ଏବଂ ସେହିଭଳି ଅନ୍ୟ ଯୋଗ୍ୟତା ଥିବା ବ୍ୟକ୍ତିମାନେ ନିଜପାଇଁ ନୁହେଁ, ସମ୍ପୂର୍ଣ୍ଣଭାବରେ ସମାଜର ନିମନ୍ତେ ହିଁ କାର୍ଯ୍ୟ କରିବେ ।

ବୌଦ୍ଧିକ କାର୍ଯ୍ୟର ଅବଶ୍ୟ ମହତ୍ତ୍ୱ ରହିଛି ଏବଂ ଜୀବନର ସମଗ୍ର ଯୋଜନାଟି ମଧରେ ନିଃସନ୍ଦେହ ଭାବରେ ଏହାର ଏକ ସ୍ଥାନ ରହିଛି । ମାତ୍ର, ମୁଁ କେବଳ ଶାରୀରିକ ଶ୍ରମର ଆବଶ୍ୟକତା ଉପରେ ହିଁ ଗୁରୁତ୍ୱ ଦେଇ କହୁଛି । କୌଣସି ଜଣେ ବ୍ୟକ୍ତି ମଧ ସେହି କର୍ତ୍ତବ୍ୟରୁ ମୁକ୍ତ ହୋଇ ରହିବା ଉଚିତ ନୁହେଁ ବୋଲି ମୁଁ ଦାବି କରୁଛି । ଏହା ଜଣେ ବ୍ୟକ୍ତିର ବୌଦ୍ଧିକ ଉତ୍ପାଦନ ସାମର୍ଥ୍ୟକୁ ଅଧିକ ବୁଦ୍ଧିଯୁକ୍ତ କରାଇବାରେ ମଧ ସାହାଯ୍ୟ କରିବ ।

ଜଣେ ଶ୍ରମିକ ଟେବୁଲ ପାଖରେ ବସି ଲେଖିପାରିବ ନାହିଁ ସତ, ମାତ୍ର ଟେବୁଲ ପାଖରେ ବସି ନିଜର ସାରା ଜୀବନ ଲେଖି ଆସିଥିବା ଜଣେ ବ୍ୟକ୍ତି ଅବଶ୍ୟ ଶାରୀରିକ ଶ୍ରମ କରିବାକୁ ସମର୍ଥ ହେବ ।

ଶ୍ରମିକ ଓ ମାଲିକ ପରସ୍ପରର ପରିପୂରକ ହୋଇ ରହିବେ ଓ ପରସ୍ପରକୁ ସାହାଯ୍ୟ କରିବେ । ଏହା ହିଁ ମୋ'ର ଆଦର୍ଶ ବୋଲି ମୁଁ ସର୍ବଦା କହିଆସିଛି । ସେମାନଙ୍କର ଏକ ବୃହତ୍ତର ପରିବାର ପରି ଏକତା ଓ ସମଞ୍ଜସତା ସହିତ ରହି ପାରୁଥିବା ଉଚିତ । ମାଲିକ ଯେ ଶ୍ରମିକମାନଙ୍କର କେବଳ ଭୌତିକ କଲ୍ୟାଣ ପ୍ରତି ଦୃଷ୍ଟି ଦେଉଥିବା ତା' ନୁହେଁ ସିଏ ସେମାନଙ୍କର ନୈତିକ କଲ୍ୟାଣପ୍ରତି ମଧ ଦୃଷ୍ଟି ଦେଉଥିବ, ପୁଞ୍ଜିମାଲିକମାନେ ସେମାନଙ୍କର ଅଧୀନରେ ରହିଥିବା ଶ୍ରମିକଶ୍ରେଣୀଗୁଡିକର କଲ୍ୟାଣ ନିମନ୍ତେ ମାରଫତଦାର ହୋଇ ରହିଥିବେ ।

ମୁଁ ପୁଞ୍ଜିକୁ ଭୟ କରେ ନାହିଁ । ମୁଁ ପୁଞ୍ଜିବାଦ ସହିତ ଲଢ଼େ । ପୁଞ୍ଜି ଯେପରି ଗୋଟାଏ ଜାଗାରେ ଅତିରିକ୍ତ ଭାବରେ ଆସି ଜମା ନ ହେବ । ପାଶ୍ଚାତ୍ୟ ଆମକୁ ସେହି ସ୍ଥିତିକୁ ଏଡ଼ିବାଲାଗି ଶିକ୍ଷା ଦେଇଥାଏ ଏବଂ ଗୋଟିଏ ଅଧିକ ଭୟଙ୍କର ଆକାରରେ ଏକ ଶ୍ରେଣୀଗତ ଯୁଦ୍ଧକୁ ଏଡ଼ିବା ଲାଗି ପରାମର୍ଶ ଦେଇଥାଏ । ପୁଞ୍ଜିମାଲିକ ଏବଂ ଶ୍ରମିକ ପରସ୍ପରର ଶତ୍ରୁ ହେବା ଆଦୌ ଅବଶ୍ୟମ୍ଭାବୀ ନୁହେଁ ।

# ବ୍ୟାଡ୍ କୋଲେଷ୍ଟ୍ରଲ ଦୂର କରିବ ରସୁଣ

ହାଇ କୋଲେଷ୍ଟ୍ରଲ ଯୋଗୁ ଚିନ୍ତାରେ ରହିଥିଲେ ରସୁଣ ସେବନ କରନ୍ତୁ । ଏହା କୌଣସି ଔଷଧରୁ କମ ନୁହେଁ । ଏହାକୁ ନିୟନ୍ତ୍ରଣ କରିବା ଲାଗି ଆପଣ ଶୀତଦିନେ ରସୁଣ ସେବନ କରନ୍ତୁ । ଏହା କୋଲେଷ୍ଟ୍ରଲ ହ୍ରାସ କରିବା ସହିତ ଅନ୍ୟ ବହୁ ରୋଗରୁ ମୁକ୍ତି ଦେଇଥାଏ ।



**କଞ୍ଚା ରସୁଣ :** ବ୍ୟାଡ କୋଲେଷ୍ଟ୍ରଲକୁ ହ୍ରାସ କରିବା ଲାଗି ରସୁଣ ସେବନ କରନ୍ତୁ । ଆପଣ ଖାଲି ପେଟରେ କଞ୍ଚା ରସୁଣ ସେବନ କରିପାରିବେ । ରସୁଣରେ ଆଣ୍ଟିବାୟୋଟିକ୍ସ ବ୍ୟତୀତ ଭିଟାମିନ୍ ସି, ମ୍ୟାଗ୍ନେସିୟମ, ସେଲେନିୟମ୍ ଓ ଜିଙ୍କ୍ ଭଳି ତତ୍ତ୍ୱ ମଧ ରହିଛି ।

**ଭଜା ରସୁଣ ବା ଚଟଣୀ :** ଯଦି ଆପଣ କଞ୍ଚା ରସୁଣ ଖାଇବାକୁ ପସନ୍ଦ କରୁ ନାହାନ୍ତି ତେବେ ଏହାକୁ ଚଟଣୀ କରି ଖାଆନ୍ତୁ । ଏହାଦ୍ୱାରା ବ୍ୟାଡ କୋଲେଷ୍ଟ୍ରଲ ହ୍ରାସ କରିବାରେ ଫାଇଦା ମିଳିବ । ବହୁ ଲୋକ ସିରକା ରସୁଣ ବା ଆଚାର ମଧ ଖାଇବାକୁ ପସନ୍ଦ କରନ୍ତି ଆପଣ ଏହାକୁ ମଧ ସେବନ କରିପାରିବେ ।

**କଞ୍ଚା ରସୁଣ ସହିତ ଗୁଡ :** କଞ୍ଚା ରସୁଣ ସହିତ ଗୁଡକୁ କୁଟି ଏହାର ଚଟଣୀ କରି ଖାଆନ୍ତୁ । ଏହି ଚଟଣୀ ଖାଇବା ଦ୍ୱାରା ବ୍ୟାଡ କୋଲେଷ୍ଟ୍ରଲ ଶୀଘ୍ର ହ୍ରାସ ଘଟିଥାଏ ।

**ଖାଲି ପେଟରେ ରସୁଣ ଖୁବ୍ ପ୍ରଭାବୀ :** କଞ୍ଚା ରସୁଣକୁ ଖାଲିପେଟରେ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ହ୍ରାସ କରିବାରେ ବିଶେଷ ଫାଇଦା ମିଳିଥାଏ । ପ୍ରତିଦିନ ଖାଲି ପେଟରେ ରସୁଣ ଖାଇବା ଦ୍ୱାରା ହାର୍ଟ ହେଲ୍ଥ ବୁଷ୍ଟ ହୋଇଥାଏ । ଏହାଦ୍ୱାରା ବ୍ୟାଡ କୋଲେଷ୍ଟ୍ରଲ କମ ହେବ ଓ ଗୁଡ୍ କୋଲେଷ୍ଟ୍ରଲ ଲେବଲ ବୃଦ୍ଧି ଘଟିଥାଏ । ହୃଦୟ ମାଂସପେଶୀ ଭଲ ଭାବରେ କାମ କରିଥାଏ ଓ ହାର୍ଟ ଆଟାକ୍ ରିସ୍କ ମଧ ହ୍ରାସ ହୁଏ । ସାରା ରାତି ଆପଣ ରସୁଣକୁ ପାଣିରେ ଭିଜାଇ ରଖନ୍ତୁ ଓ ସକାଳୁ ଏହି ପାଣି ସେବନ କରନ୍ତୁ ଖୁବ୍ ଉପକାର ମିଳିବ ।

**ବଡି ଡିଟକ୍ସ :** କଞ୍ଚା ରସୁଣ ସେବନ କରିବା ଦ୍ୱାରା ପ୍ରତିଦିନ ଶରୀରରେ ଟକ୍ସିନ୍ସ ବାହାରକୁ ବାହାରି ଆସିବ । ନର୍ଭସ ସଫା ହୁଏ ଓ ଶରୀର ସୁସ୍ଥ ରହିଥାଏ । ରୋଗ ସମସ୍ୟା ହ୍ରାସ ଘଟିବ ଓ ବଡି ଇନ୍ଫ୍ଲାମେଶନ ସମସ୍ୟାକୁ ମଧ ହ୍ରାସ କରିବ ।

ବିପି ନିୟନ୍ତ୍ରଣ: ରସୁଣରେ ଥିବା ତତ୍ତ୍ୱ ବ୍ଲଡ ପ୍ରେସର ଲେବଲ ନିୟନ୍ତ୍ରଣ କରିଥାଏ । ବିପି ନର୍ମାଲ କରିବା ସହିତ ହାର୍ଟ ହେଲଥ୍‌କୁ ଉତ୍ତମ ରଖିଥାଏ । ହୃଦୟ ସମ୍ବନ୍ଧୀୟ ସମସ୍ୟାକୁ ହ୍ରାସ କରିଥାଏ ।

# ସ୍ୱର୍ବେଦ

**ୱିରହୀ ଶାନ୍ତି ଉପାୟ ମେଁ, ଜଗ**
**ମହଁ ୱସ୍ତୁ ନ କୋୟ ।**
**ଅଷ୍ଟସିଦ୍ଧି ନଓ୍ୱ ନିଧି ମିଲୈ,**
**ଦୁଖମୟ ଜାନତ କୋୟ ॥୧୫॥**

ଭାଷ୍ୟ - ବିରହୀର ଶାନ୍ତି ନିମନ୍ତେ ଉପାୟ ପାଇଁ ସଂସାରରେ କୌଣସି ବସ୍ତୁ ନାହିଁ, ଯାହା ତାକୁ ଶାନ୍ତି କରିବ । ଅଷ୍ଟସିଦ୍ଧି ଓ ନବ ନିଧି ମିଳିବା ପରେ ମଧ୍ୟ ତାକୁ ସବୁ ଦୁଃଖମୟ ପ୍ରତୀତ ହୁଏ । ପରମପ୍ରଭୁଙ୍କର ଅତିରିକ୍ତ ସଂସାରରେ ତାକୁ କିଛି ଆବଶ୍ୟକ ହୁଏ ନାହିଁ ।


**ଶଚ୍ଛି ୱିଭୂତି ନ ଚାହ ହୈ, ନହୀଁ**
**ଇଚ୍ଛା ଜଗ ମାନ ।**
**କେୱଲ ପ୍ରଭୁ ସେ ମିଲନ ହୈ,**
**ୱିରହୀ ୱିରହ ଅମାନ ॥୧୬॥**

ଭାଷ୍ୟ - ବିରହୀକୁ ସିଦ୍ଧି କିମ୍ବା ବିଭୂତିର ଇଚ୍ଛା ନାହିଁ, ନା ସଂସାରର ମର୍ଯ୍ୟାଦା, ନା ସମ୍ମାନର ଇଚ୍ଛା ଅଛି, ତାକୁ କେବଳ ନିଜର ପରମପ୍ରଭୁଙ୍କ ସହିତ ମିଳିତ ହେବାର ଇଚ୍ଛା ଅଛି । ସେ ସଂସାରର କୌଣସି ପ୍ରତିଷ୍ଠା ଚାହେଁ ନାହିଁ ।

**ୱିରହୀ ଉର ଅନୁରାଗ ସେ,**
**ନୟନ ପ୍ରେମ ଜଲ ଧାର ।**
**ସୁସୁକି ସୁସୁକି ଥକି ଥକି ପଡ଼ୈ,**
**ଅନ୍ତର ପ୍ରେମ ଅପାର ॥୧୭॥**

ଭାଷ୍ୟ - ବିରହୀର ହୃଦୟରେ ଅନୁରାଗ ହେତୁ ଆଖିରୁ ପ୍ରେମର ଜଳଧାରା ପ୍ରବାହିତ ହେବାରେ ଲାଗେ ଆଉ ସେ କାନ୍ଦି କାନ୍ଦି ଥକିଯାଏ । ତା' ହୃଦୟରେ ନିଜର ପରମପ୍ରଭୁଙ୍କ ନିମନ୍ତେ ଅପାର ପ୍ରେମ ରହିଛି ।

**ନିଶିଦିନ ନିନ୍ଦ ନ ଆୱଇ, ଚିହୁକି**




**ଚିହୁକି ଭୟେ ଠାଢ଼ ।**
**କ୍ଷଣ କ୍ଷଣ ପନ୍ଥ ନିହାରତେ, ପ୍ରେମ**
**କେ ବୂଡ଼ତ ବାଢ଼ ॥୧୮॥**

ଭାଷ୍ୟ - ବିରହୀକୁ ରାତି ଦିନ ନିଦ ଆସେ ନାହିଁ, ସେ ବିସ୍ମିତ ହୋଇ ଛିଡ଼ା ହୋଇଯାଏ ଆଉ ପ୍ରେମର ବନ୍ୟାରେ ବୁଡ଼ି ସର୍ବଦା ନିଜର ପ୍ରଭୁଙ୍କର ଆସିବା ପଥକୁ ଅନାଇ ରହିଥାଏ ।

**କ୍ଷଣ ଭର ମାନୋ କଳ୍ପ ସମ,**
**ୱିରହୀ ୱିକଲ ଶରୀର ।**
**ଦର୍ଶ ଦିୱାନା ବାୱରା, ପ୍ରଭୁ**
**କୈସେ ଧର ଧୀର ॥୧୯॥**

ଭାଷ୍ୟ - ଚାରି ଅରବ ବତିଶ କୋଟି ବର୍ଷରେ ଗୋଟିଏ କଳ୍ପ ହୋଇଥାଏ । ବିରହୀ ନିମନ୍ତେ ପ୍ରଭୁଙ୍କର ଦର୍ଶନ ବିନା, ପ୍ରତିକ୍ଷଣ କଳ୍ପଟି ବିତିଲା ପରି ଲାଗେ । ପ୍ରଭୁଙ୍କର ବିୟୋଦରେ ବିରହୀ ସର୍ବଦା ବ୍ୟାକୁଳ ରହିଥାଏ । ସେ କିପରି ଧୈର୍ଯ୍ୟ ଧରି ରହିବ ? ସେ ତ ପ୍ରଭୁଙ୍କର ଦର୍ଶନ ବିନା ପାଗଳ ପ୍ରାୟ ହୋଇ ହୋଇଯାଇଛି ।

**ୱିରହୀ ମାରନ କୋ ଚଲୀ, ମୃତ୍ୟୁ**
**ଠାଢ଼ ପଛତାୟ ।**
**ସହଜ ମୃତ୍ୟୁ ଦୁଖ ସହ ରହା,**
**ଲଜ୍ଜିତ ଆପ ପରାୟ ॥୨୦॥**

ଭାଷ୍ୟ - ମୃତ୍ୟୁ ବିରହୀ ପ୍ରଭୁ ଭକ୍ତକୁ ମାରିବାକୁ ଗଲା । ପରନ୍ତୁ ତାହାର ବିରହ ଦୁଃଖକୁ ଦେଖିଲା ପରେ ଛିଡ଼ା ହୋଇ ମନସ୍ତାପ କରିବାରେ ଲାଗିଲା । ସେ ବିରହୀର ସହସ୍ର ମୃତ୍ୟୁର ଦୁଃଖକୁ ସହ୍ୟ କରିବାର ଦେଖି ଲଜ୍ଜିତ ହୋଇଗଲା ଏବଂ ପ୍ରତ୍ୟାବର୍ତ୍ତନ କଲା ।

**ଶଚ୍ଛି ସିଦ୍ଧି ଇଚ୍ଛା କରେ, ସୋ ତୋ**
**ୱିରହୀ ନାହିଁ ।**
**ୟହ ତୋ ପାମର ଜୀୱ ଜଗ,**
**ମାୟା ଭୂଲି ସମାହିଁ ॥୨୧॥**

ଭାଷ୍ୟ - ପ୍ରାକୃତିକ ସିଦ୍ଧିର ବଳର ଇଚ୍ଛାକାରୀ ବିରହୀ ନୁହେଁ । ଏହା ତ ସଂସାରୀ ଅଜ୍ଞାନୀ ଜୀବ ଅଟେ ଯିଏ ନିଜର ଆତ୍ମିକ ଶକ୍ତିକୁ ନ ଜାଣିପାରି ଭୁଲରେ ମାୟାର ସିଦ୍ଧିରେ ଲାଗି ରହିଛି ।

**ୱିରହ ଅଗିନ ଭରପୂର ମେଁ,**
**ଜଲତେ ୱିରହୀ ଦେଖ ।**
**ପ୍ରଭୁଜନ ଆପନ ଜାନିୟା, ୱତ୍ସ**
**ଧେନୁ ଇଓ୍ୱ ପେଖ ॥୨୨॥**

ଭାଷ୍ୟ - ବିରହର ପ୍ରଜ୍ୱଳିତ ଅଗ୍ନିରେ ବିରହୀକୁ ପ୍ରଭୁ ଏମନ୍ତ ଭାବରେ ନିଜର ମନେକରି ଦେଖିଥାନ୍ତି ଯେଉଁ ପ୍ରକାର ଗାଈ ନିଜ ଜନ୍ମୀତ ବାଛୁରୀକୁ ଦେଖେ ।

**ଶବ୍ଦ ଘଟା ଘନ ଘେରି କର, ଦହୁ**
**ଦିଶି ଧାୟେ ଆୟ ।**
**ଅମିୟ ବୃଷ୍ଟି ଝରି ଲାଇୟା,**
**ଜଲତୀ ଆଗ ବୁଝାୟ ॥୨୩॥**

ଭାଷ୍ୟ - ଶବ୍ଦ, ସତ୍‌ପୁରୁଷଙ୍କର ବାଦଲ ଦଶ ଦିଶକୁ ଘେରି ଆସିଗଲା ଆଉ ଅମୃତର ବର୍ଷା କରିବାକୁ ବସିଲା ଯାହା ଫଳରେ ହୃଦୟର ପ୍ରଜ୍ୱଳିତ ବହ୍ନି ପ୍ରଶମିତ ହେଲା ।

**ନୟନ ୱୟନ ମନ ଶ୍ରୱଣ ମେଁ,**
**ଆଶ ମିଲନ ପ୍ରଭୁ ରୂପ ।**
**ରୋମ ରୋମ ସେ ପ୍ରକଟ ହୈ,**
**ଅଦ୍‌ଭୁତ ଶବ୍ଦ ସ୍ୱରୂପ ॥୨୪॥**

ଭାଷ୍ୟ - ବିରହୀକୁ ଚକ୍ଷୁ, ବାଣୀ, କର୍ଣ୍ଣ, ମନ ଏବଂ ଅଙ୍ଗ ପ୍ରତ୍ୟଙ୍ଗରେ ଶବ୍ଦସ୍ୱରୂପ ପରମ ପୁରୁଷଙ୍କର ସହିତ ମିଳନର ଆଶା ଲାଗି ରହିଛି ।

**ଭୀତର ବାହର ତୁମହିଁ ହୋ, ହେ**
**ପ୍ରଭୁ ମଙ୍ଗଲ ରୂପ ।**
**ଦିବ୍ୟ ସ୍ୱରୂପ ୱିରାଜ ମେଁ. ମହିମା**
**ଅଗମ ଅନୂପ ॥୨୫॥**

ଭାଷ୍ୟ - ହେ ମଙ୍ଗଳମୟ ପ୍ରଭୁ ! ତୁମେ ହିଁ ଭିତରେ ଏବଂ ବାହାରେ ଆଉ ବିରାଜଧାମରେ ଦିବ୍ୟସ୍ୱରୂପରେ ପ୍ରକାଶମାନ ହେଉଅଛ । ତୁମର ମହିମା ଅଗମ୍ୟ ଏବଂ ଅନୁପମ ଅଟେ ।

**ଶୀତଲ ଶାନ୍ତି ସୁରାଗ ମେଁ, ଦର୍ଶନ**
**ପାୟୋଁ ଅନ୍ତ ।**
**ଦେୱ ସଦାଫଲ ଦୁଖ ଗୟା,**
**କରୁଣାମୟ ଭଗୱନ୍ତ ॥୨୬॥**

ଭାଷ୍ୟ - ଉତ୍କଟ ଅନୁରାଗ ଦ୍ୱାରା ପରିଶେଷରେ କରୁଣାମୟ ଭଗବାନଙ୍କର ଦର୍ଶନ ପ୍ରାପ୍ତ ହେଲା ଯାହା ଫଳରେ ଶୀତଳତା ଆଉ ଶାନ୍ତି ଲାଭ ହେଲା । ସମସ୍ତ ଦୁଃଖ ଦୂର ହୋଇଗଲା । ସୁତରାଂ ସମସ୍ତ କାମନାଗୁଡ଼ିକୁ ତ୍ୟାଗକରି ଏକମାତ୍ର ପ୍ରଭୁଙ୍କର ଭଜନ କରଂ

**॥ଇତି ସ୍ୱର୍ବେଦ ଚତୁର୍ଥ ମଣ୍ଡଳ,**
**ସପ୍ତମ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

## ପୁଅର ବାପାଙ୍କୁ ... ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ନାମକୁ ମାତ୍ର ଗୋଟେ କଲେଜରେ କେବଳ ପରୀକ୍ଷା ଦେଇଥିଲି ଯୁକ୍ତ ଦୁଇ ପାସ ହେବା ପାଇଁ ଓ ମୁଁ ବି ଆଜ୍ଞାଧୀନ ପୁତ୍ର ଭାବେ କିଛି ଆପତ୍ତି କରିନଥିଲି । ଆପଣଙ୍କ ଆଶା ଅନୁସାରେ ପ୍ରଥମ ଚେଷ୍ଟାରେ ଆଇଆଇଟି ପଢ଼ିବା ପାଇଁ ଚୟନ ହେଇଗଲି । ମୋର କଠିନ ପରିଶ୍ରମ ଆଉ ଆପଣଙ୍କ ଆଶୀର୍ବାଦରୁ ଆଇ.ଆଇ.ଟିରେ ପ୍ରଥମ ହୋଇ ଆମେରିକାର ନାସାରେ ଚାକିରୀ ପାଇଗଲି ।

ବାପା ଆପଣ କେତେ ଖୁସି ହୋଇ ନ ଥିଲେ ସେଦିନ । ଆମ ଗାଁ ଯାକର ଲୋକଙ୍କୁ ଭୋଜି ଦେଇଥିଲେ, କାରଣ ଆପଣଙ୍କ ପୁଅ ନାସାରେ ଚାକିରୀ ପାଇଛି ଆପଣଙ୍କର ବହୁତ ଦିନର ସ୍ୱପ୍ନ ପୁରଣ ହୋଇଛି ।

ପିଲାଟି ଦିନରୁ ଆପଣ ମୋତେ ଗୋଟେ ପାଠପଢ଼ା ମେସିନ ବନେଇ ଦେଲେ । ମୋ ମନରେ ସାମାଜିକ ଚଳଣି ଅପେକ୍ଷା ଗଣିତର ସୂକ୍ଷ୍ମା ତି ସୁକ୍ଷ୍ମ ସମୀକରଣ । ସମାଧାନ ସବୁ ଭର୍ତ୍ତି କରାଇଦେଲେ । ଆପଣ ସ୍ୱପ୍ନକୁ ସାକାର କରିବାକୁ ଯାଇ ମୁଁ ଏତେ ଉଚ୍ଚ ପହଂଚି ଯାଇଛି ଯେ ତଳକୁ ଆସିବା ପାଇଁ ସମୟ ହିଁ ନାହିଁ ।

ଜାଣିଛ ବାପା, ଆପଣ ସବୁଠୁ ଖୁସି ହେବା କଥା ଯେ ମୁଁ ମହାକାଶଚାରି ଭାବେ ଯିବା ପାଇଁ ମନୋନୀତ ହୋଇଛି । ଏକ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ପଛରେ ପକାଇ ମୁଁ ଆଜିବି ପ୍ରଥମ ହୋଇଛି । କିନ୍ତୁ ପ୍ରଥମ ଥର ପାଇଁ ଆପଣ ଖୁସି ନୁହନ୍ତି । କାରଣ ମୁଁ ଏବେ ଆଉ ଆପଣଙ୍କୁ ସମୟ ଦେଇପାରୁନି । ଆଜି ପରିଣତ ବୟସରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ମୁଁ ଜାଣେ ଆପଣଙ୍କ ଅସୁସ୍ଥତା, ମାଆର ମୃତ୍ୟୁ ପରେ ଆପଣଙ୍କ ନିଃସଙ୍ଗତା ଓ ଆପଣ ଚାହାନ୍ତି ପୁଅ ପାଖରେ ରୁହନ୍ତା, ନିଜ ଗାଁରେ ଓ ଆପଣ କିନ୍ତୁ ନିଜ ଗାଁ ଛାଡି ବିଦେଶରେ ରହିବାକୁ ନାରାଜ । ଆପଣ ଏବେ ହୃଦୟଙ୍ଗମ କରୁଥିବେ ଯେ ଏତେ ପରିଶ୍ରମ କରି ଯେଉଁ ସଫଳତାର ଶିଖରରେ ପହଂଚିବା ପାଇଁ ମୋତେ ଜୀବନ ଯାକ ପ୍ରେରଣା ଦେଇ ଆସୁଥିଲେ, ସେଇ ସଫଳତା ଆଜି ଆପଣ ଆଉ ମୋ ଭିତରେ ପାଚେରୀ ହେଇ ଛିଡା ହୋଇଚି ।

ପିଲା ଦିନର ଖେଳକୁଦ, ସାଙ୍ଗସାଥିଙ୍କ ସହ ମଉଜମଜଲିସର ଅନୁଭୂତି କେବଳ ପାଠ ପଢ଼ା ପାଇଁ ହରେଇଛି । କିଶୋର ଅବସ୍ଥାରେ କଲେଜ ଜୀବନ ବି ପାଠ ପାଇଁ ଦେଖି ପାରିଲିନି । ଏବେ ସେ ପାଠ ପଢ଼ାର ଫଳ କଣ ? ମୋର ଉଚ୍ଚ ସଫଳତା, ଆଉ ଆପଣ ମୋ ମଧରେ ବହୁତ ଦୂରତ୍ୱ ।

ବାପା, ମୁଁ ଆପଣଙ୍କ ପୁଅ ଓ ଆଜି ଯାଏ ଆପଣଙ୍କ କଥାକୁ ମାନି ଚାଲିଥିଲି । ଆଜି ବି ମାନିବି ଓ ଆପଣ ମୋ ଉପରେ ଅଭିମାନ କରି ସବୁ ସମ୍ପତି ବୃଦ୍ଧାଶ୍ରମକୁ ଦାନ କରି ଦେଇଛନ୍ତି । ମୁଁ ଏହାକୁ ସ୍ୱାଗତ କରୁଛି । ବାପା, ମୁଁ ବି ତ ଆପଣଙ୍କ ସମ୍ପତ୍ତି । ସତ କହିବାକୁ ଗଲେ ପରୋକ୍ଷରେ ଆପଣ ମୋତେ ବି ବୃଦ୍ଧାଶ୍ରମକୁ ଦାନ କରି ଦେଇଛନ୍ତି । ତେଣୁ ମୁଁ ମଧ ସବୁ କିଛି ତ୍ୟାଗ କରି ମୋ ନିଜ ଦେଶକୁ ଫେରିବାର ନିଷ୍ପତ୍ତି ନେଇସାରିଛି । ମୋର ସବୁ ସମ୍ପତ୍ତିକୁ ଆପଣଙ୍କ ବୃଦ୍ଧାଶ୍ରମକୁ ଦାନ କରି ଆପଣଙ୍କ ପାଖେ ପାଖେ ରହିବି । ଜୀବନରେ ପ୍ରଥମ ହେବା ପାଇଁ ବହୁତ ଧାଇଁ ସାରିଲିଣି । ଏବେ ମୁଁ ପୁରା କ୍ଳାନ୍ତ । ଆଉ ଉଡିବାକୁ ଇଛା ନାହିଁ । ଯେତେଦିନ ପାରିବି ଆପଣଙ୍କ ସେବା କରିବି ।

କାରଣ, ମୋ ବାପା, ମୋ ଚଳନ୍ତି ଭଗବାନ । ଆପଣଙ୍କ ସେବା ହିଁ ମୋର ପ୍ରଥମ କର୍ତ୍ତବ୍ୟ ।

**ଇତି-**
**ଆପଣଙ୍କ ଆଜ୍ଞାଧୀନ ପୁଅ**

## ବ୍ରେକ୍‌ଫାଷ୍ଟ ନ କଲେ ବଢ଼େ ଆଳସ୍ୟତା

ଦିନଚର୍ଯ୍ୟାର ଶୁଭାରମ୍ଭ ହୋଇଥାଏ ବ୍ରେକଫାଷ୍ଟରୁ । କିନ୍ତୁ କେତେକ ବ୍ୟକ୍ତି କାର୍ଯ୍ୟବ୍ୟସ୍ତତା ଯୋଗୁଁ ଠିକ୍ ସମୟରେ ଏପରିକି ଦିନେ ଦିନେ ଆଦୌ ବ୍ରେକଫାଷ୍ଟ କରିପାରନ୍ତି ନାହିଁ । ନିକଟରେ ଏକ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ବ୍ରେକଫାଷ୍ଟ ନ ଖାଆନ୍ତି, ତେବେ ତାଙ୍କର ଆଳସ୍ୟତା ବଢ଼ିଯାଇଥାଏ । ଏହା ଦ୍ୱାରା ସେ ନିଜ କାମଗୁଡିକୁ ଠିକ୍ ସମୟରେ ସମ୍ପାଦନ କରିପାରି ନ ଥାନ୍ତି । ଉକ୍ତ ଗବେଷଣା ସହ ସମ୍ପୃକ୍ତ ଆମେରିକୀୟ ଗବେଷକଙ୍କ କହିବା ଅନୁଯାୟୀ, ବ୍ରେକଫାଷ୍ଟ ଠିକ୍ ସମୟରେ କରୁଥିଲେ ତାହା ମସ୍ତିଷ୍କକୁ ଆହୁରି ସକ୍ରିୟ କରାଇଥାଏ । କେବଳ ସେତିକି ନୁହେଁ, ଶରୀରରେ ସୁଗାର ପରିମାଣକୁ ମଧ ସନ୍ତୁଳିତ ରଖିଥାଏ । କିନ୍ତୁ ଯଦି ବ୍ରେକଫାଷ୍ଟରେ ଅନିୟମିତତା ଲାଗିରହେ ତେବେ ତାହା ଆଳସ୍ୟ ପରି ସମସ୍ୟାର କାରଣ ସାଜିଥାଏ ।



## ନିର୍ମଳ... ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

ସାଧୁଙ୍କୁ ସମାଦର କରି ବସାଇ ପଣ୍ଡିତ ତାଙ୍କୁ ପଚାରିଲେ ଆପଣ କେଉଁ ମନ୍ତ୍ରବଳରେ ଏପରି ଲୋକ ସମାଦରର ଅଧିକାରୀ ହୋଇ ପାରିଛନ୍ତି । ମୋତେ ସେହି ମନ୍ତ୍ର ଶିକ୍ଷା ଦିଅନ୍ତୁ । ସାଧୁ ହସିଲେ । କହିଲେ 'ଠିକ୍ ଅଛି, ମୁଁ ମନ୍ତ୍ର ଶିକ୍ଷା ଦେବି । ତା' ପୂର୍ବରୁ ତୁମେ ଏ ମୋକ ମଣ୍ଡଳୁକୁ ନେଇ ତହିଁରେ ନିର୍ମଳ ଜଳ ଭର୍ତ୍ତି କରି ଆଣ । ପଣ୍ଡିତ ପ୍ରବର କମଣ୍ଡଳକୁ ନେଇ ନିର୍ମଳ ଜଳ ଭର୍ତ୍ତି କରି ଆଣିବାକୁ ଯାଇ ଦେଖିଲେ କମଣ୍ଡଳୁ ମଧରେ ଗୋବର ଭର୍ତ୍ତି ହୋଇ ରହିଛି । ଏଥିରେ ନିର୍ମଳ ଜଳ ରହିବ କିପରି ? ତେଣୁ ସେ କମଣ୍ଡଳୁ ଟିକୁ ସାଧୁଙ୍କ ନିକଟକୁ ଆଣି ଦେଖାଇ ସବୁକଥା କହିଲେ, ସାଧୁ ସବୁ ଶୁଣି ନୀରବରେ କମଣ୍ଡଳୁ ଟିକୁ ଧରି ଫେରିବା ଲାଗି ପାଦ ବଢ଼ାଇଲେ । ସାଧୁ ଯିବାକୁ ଗଲାବେଳେ ପଣ୍ଡିତ ତାଙ୍କ ସଙ୍ଗେ ସଙ୍ଗେ ଚାଲିଚାଲି ପଚାରିଲେ । ମହାତ୍ମନ୍ । ଆପଣ ଯେଉଁ ଶିକ୍ଷା ଦେବା କଥା, ତା' ତ ଦେଲେ ନାହିଁ । ଚାଲି ଯାଉଛନ୍ତି କିପରି ? ସାଧୁ କ୍ଷଣେ ଅଟକି ରହି କହିଲେ, ମୁଁ ତ ଶିକ୍ଷା ଦେଇ ସାରିଛି । ଗୋବର ଭର୍ତ୍ତି ଥିବାରୁ କମଣ୍ଡଳୁରେ ନିର୍ମଳ ଜଳ ରହିବା ଯେପରି ସମ୍ଭବ ନୁହେଁ ସେହିପରି ଜ୍ଞାନାଭିମାନୀ ରୂପକ ମଇଳା ଭର୍ତ୍ତିଥିବା ମସ୍ତିଷ୍କରେ ଶୁଦ୍ଧଜ୍ଞାନ ରହିବା ସମ୍ଭବ ନୁହେଁ । ଆପଣଙ୍କ ମସ୍ତିଷ୍କରେ ଜ୍ଞାନାଭିମାନତ ଅଛି, ହୃଦୟରେ ସ୍ୱାର୍ଥ ଭଳି ଆବର୍ଜନା ବି ଅଛି । ମୁଁ ବା ଆପଣଙ୍କୁ କି ଶିକ୍ଷା ଦେବି ? ସେ ଶିକ୍ଷା ରହିବ କେଉଁଠି ? ଏହା କହି ସାଧୁ ଚାଲିଗଲେ । ପଣ୍ଡିତ ନିଜେ ଜ୍ଞାନାଭିମାନ କୁ ଧିକ୍କାର କରିବାକୁ ଲାଗିଲେ । ନିର୍ମଳ ଭାବ ହିଁ ଶିକ୍ଷା ଗ୍ରହଣର ଆଧାର ।

ବରପାଲି ପଡ଼ା, ବଲାଙ୍ଗୀର

## ଟିକିଏ ହସନ୍ତୁ

ଦିନେ ରାମୁ ଘରକୁ ଫେରିଲା ପରେ ବାପା କହିଲେ : କେଉଁଠି ଥିଲୁ ?
ରାମୁ: ସାଙ୍ଗ ଘରେ ଥିଲି । ରାମୁ ସାମ୍ନାରେ ବାପା ତା'ର ଦଶଜଣ ସାଙ୍ଗଙ୍କୁ ଫୋନ୍ କଲେ । ୪ ନମ୍ବର ସାଙ୍ଗ କହିଲା- ହଁ, ଅଙ୍କଲ ରାମୁ ଏଇଠି ଅଛି ।୨- ନମ୍ବର ସାଙ୍ଗ କହିଲା- ଏବେ ଗଲା । ତିନି ନମ୍ବର ସାଙ୍ଗ କହିଲା ଏଇଠି ପାଠ ପଢୁଛି, ଫୋନ୍ ଦେବି କି ? ଏକ ନମ୍ବର ସାଙ୍ଗ କହିଲା- କୁହ ବାପା କ'ଣ ହେଲା । ଏତକ ବାପା ଶୁଣିଲା ପରେ ବାପାଙ୍କର ଗୋଟିଏ ବି ମାଡ଼ ତଳେ ପଡିନି ।

× × × × ×

ଗୋଟେ କମ୍ପାନୀର ମ୍ୟାନେଜର ଅତି ନମ୍ର ସ୍ୱରରେ ତାଙ୍କର ଏକ କର୍ମଚାରୀକୁ କହିଲେ: କ୍ଷମା କରିବ ଚନ୍ଦନ, ମୁଁ ତୁମକୁ ଶୋଇବା ସମୟରେ ଜମା ବି ଉଠାଇ ନ ଥାନ୍ତି, ଯଦି ଏ କଥାଟା ଏତେ ଗୁରୁତ୍ୱ ହୋଇ ନ ଥାନ୍ତା । ତୁମକୁ ଆଜିଠାରୁ ଚାକିରିରୁ ବରଖାସ୍ତ କରାଗଲା ।

× × × × ×

ମଣ୍ଟୁ: ଚିଣ୍ଟୁ ଜଲଦି ଉଠ ଭୂମିକମ୍ପ ଆସିଲାଣି । ସବୁ ଘର ହଲୁଛି ।
ଚିଣ୍ଟୁ: ମଣ୍ଟୁ ଚୁପ୍‌ଚାପ ଯା 'ଶୋଇପଡ଼, ଘର ଯଦି ଭାଙ୍ଗିବ ଆମର କ'ଣ ଯିବ । ଆମେ ତ ଭଡ଼ାଟିଆ ।

× × × ×



ଶିକ୍ଷକ: ଡେଟ୍ ଓ ତାରିଖ ଭିତରେ ଫରକ କ'ଣ ?
ପପୁ: ସାର୍ ମୁଁ କହିବି ।
ଶିକ୍ଷକ: ହଉ କହ ।
ପପୁ: ସାର୍, ଡେଟରେ ଲୋକେ ଗର୍ଲଫ୍ରେଣ୍ଡ ସହ ଯାଆନ୍ତି । ଆଉ ତାରିଖରେ ଓକିଲ ସହ ଯାଆନ୍ତି ।

× × × ×

ରାମୁ ନକୁଳକୁ କାନ୍ଦି କାନ୍ଦି: ମୋ ଗର୍ଲଫ୍ରେଣ୍ଡ ବାହା ହେଇଗଲା ।
ନକୁଳ: ତୋ ଦାଦା ବିଧାୟକ ଅଛନ୍ତି ବୋଲି ତୁ ତାକୁ କହି ନ ଥିଲୁ କି ?
ରାମୁ: କହିଥିଲି ।
ନକୁଳ: ତଥାପି ତତେ ବାହା ହେଲାନି ?
ରାମୁ: ସେ କଥା କହିବାଟା ହିଁ ମୋ ପାଇଁ କାଳ ହେଲା । ସେ ମତେ ଛାଡି ମୋ ଦାଦାଙ୍କୁ ବାହା ହେଇଗଲା । ଆଉ ମୋ ଖୁଡି ହେଇଗଲା ।

× × × ×

ସ୍ତ୍ରୀ: ତମେ ତ ବାହାଘର ପୂର୍ବରୁ କହୁଥିଲ ଯେ, ବାହାଘର ପରେ ବି ମତେ ବହୁତ ଭଲ ପାଇବ ।
ସ୍ୱାମୀ: ମୁଁ କ'ଣ ଜାଣିଥିଲି ମୋ ବାହାଘର ତମ ସହ ହିଁ ହେବ ବୋଲି ।

× × × ×

ଡାକ୍ତର : ଏକ୍ସ ରେ ରେ ଆପଣଙ୍କ ଗୋଡ଼ର ହାଡ଼ ଭାଙ୍ଗିଥିବା ଦେଖା ଯାଉଛି ।
ଗୋପୀ: ଯାହା ହଉ ଭଗବାନ, ଏକ୍ସରେରେ ସେ ଗୋଡ଼ ଭାଙ୍ଗିଛି । ଯଦି ସତରେ ଭାଙ୍ଗିଥାନ୍ତା ମୋର ବହୁତ ଖର୍ଚ୍ଚ ହୋଇଥାନ୍ତା ।

× × × ×

ବାପା ପୁଅକୁ : ତୁ ଯଦି ତୋ ବୋଉ ପର୍ସରୁ ଶହେ ଟଙ୍କା ଆଣି ପାରିବୁ ତା'ହେଲେ ତତେ ମୁଁ ୧୦ ଟଙ୍କା ଦେବି ।
ପୁଅ: ନା, ଏତେ ଶସ୍ତାରେ ଡିଲ୍ ହୋଇ ପାରିବନି ।
କାରଣ ତୁମ ପର୍ସରୁ ଏଇ କାମ କରିବା ପାଇଁ ମା' ପରା ମତେ ୨୦ ଟଙ୍କା ଦିଏ ।

# ଘିକୁଆଁରୀର ଉପକାରିତା

ହିନ୍ଦୀରେ ଘୃତକୁଆଁରୀ ଓ ଗଣ୍ଡକୁଆଁରୀ କହନ୍ତି । ମରାଠୀ ଭାଷାରେ କୋଫଂଡ, ପଞ୍ଜାବୀ ଭାଷାରେ ଘିଁକାଉର, ତାମିଲରେ ଛୋଟ୍ଟୁ କୁହାଯାଏ । ଓଡିଆରେ ଘିଅକୁଆଁରୀ ଓ ଘିକୁଆଁରୀ କହିଥାନ୍ତି । ଉତ୍ତରଭାରତର ବିଭିନ୍ନ ରାଜ୍ୟରେ କୁଆଁରପତ୍ରା, ଘ୍ୟାରପତ୍ରା ଆଦି ନାମରେ କଥିତ ହୋଇ ଆସୁଛି । ଏହାର ରସ ସବୁଜ, ଗନ୍ଧହୀନ । ସାମାନ୍ୟ ତିକ୍ତ ଗୁଣ ବିଶିଷ୍ଟ ରସ ବିଭିନ୍ନ ରୋଗରେ ଫଳପ୍ରଦ । ଏଥିରେ ଏଲୋଇନ୍, ବାର୍ବାଲୋନ୍, ପେକଟିନ୍, ଗ୍ଲୁକୋମାନାନ, ଏକେମାନାନ୍, ପ୍ରଭୃତି ରାସାୟନିକ ତତ୍ତ୍ୱ ରହିଛି । ଏହା ବ୍ୟତୀତ ଆମିନୋଏସିଡ୍, ଇନଜାଇମ୍, ଷ୍ଟେରୋଲସ ତଥା ଲିପିଡସ ମଧ ଭରପୁର ରହିଛି । ଲିଗନିନ୍, ସାପୋଲିନ, ଟାନିନସହ ଆନ୍ଥ୍ରୋକୁଇନନ୍ସ ମଧ ଅଛି । ଏହାର ରସ ଦୁର୍ଗନ୍ଧ ନିବାରକ । ମାକକ୍ରୋ ବିଡ଼ଲ ହେତୁ ଚର୍ମଦଳାରେ ବ୍ୟବହାର ହୁଏ । ଏହାର ରସକୁ ସୂର୍ଯ୍ୟ କିରଣରେ



ଶୁଖାଇଲେ ମାଟିଆ କଳାରଙ୍ଗ ହୁଏ । ଶୁଖିଥିବା ରସକୁ ମୁସାବରା କୁମାରୀ ସାର କହନ୍ତି । ମୁସାବର ଏକ ୟୁନାନୀ ଔଷଧ । ରସରେ କଳା ଖଇର, ଲୌହଚୁର୍ଣ୍ଣ ସହ ଆଲକହଲରେ ଦ୍ରବିଭୂତ କଲେ କଫିରଙ୍ଗ ବା କୃଷ୍ଣବର୍ଣ୍ଣ ଧାରଣ କରେ । ତଳି ପେଟ ରୋଗ ନିମନ୍ତେ ମୁସାବର ବ୍ୟବହୃତ ହୋଇଆସୁଛି । କୌଣସି ସ୍ଥାନ ପୋଡିଗଲେ ବା କଟିଗଲେ ପ୍ରାଥମିକ ଚିକିତ୍ସା ଭାବେ ଏହାର ରସକୁ ଆକ୍ରାନ୍ତ ସ୍ଥାନରେ ପ୍ରୟୋଗ କଲେ ଆଶୁ ଉପଶମ ହୁଏ । ଅଂଶୁଘାତ ଯୁକ୍ତ ଜ୍ୱଳନ, ମଥାପୋଡ଼ା ଜ୍ୱଳ ଉପଶମ ନିମନ୍ତେ ଏହାର ରସ ମାଲିସ କଲେ ତୁରନ୍ତ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । ଏହା ବିଶେଷ ଜଳ ଆବଶ୍ୟକ କରୁ ନଥିବାରୁ ଫୁଲଗଛ ସହ ଶୋଭାବର୍ଦ୍ଧନ କରିଥାଏ ।

ଦିନକୁ ଦିନ ଏହାର ଅନେକ ନୂତନ ଔଷଧୀୟ ଗୁଣ ସମ୍ପର୍କରେ ଗବେଷକଗଣ ନୂଆଁ ନୂଆଁ ତଥ୍ୟ ପ୍ରଦାନ କରି ଆସୁଥିବାରୁ ଆୟୁର୍ବେଦିକ, ହୋମିଓପ୍ୟାଥି ଓ ଡାକ୍ତରୀ ଔଷଧରେ ମଧ ଏହାର ସ୍ଥାନ ଧିରେ ଧିରେ ବଢ଼ିବାରେ ଲାଗିଛି । ଏହାର ଜୁସ୍ ବିଷାକ୍ତ ଖାଦ୍ୟ ଜନିତ ସମସ୍ୟା ଦୂର କରିଥାଏ ।ଫଳରେ ଫୁଡ୍ ପଏଜନିଂକୁ ରୋକିବାରେ ଏହି ଗୁଳ୍ମଟି ସମର୍ଥ ।

ଏଲୋଭେରା ଅମରତ୍ୱ ପ୍ରଦାନ କରେ ବୋଲି ସମ୍ଭବତଃ ମିଶରର ପିରାମିଡ ଗୁଡିକରେ ହଜାର ହଜାର ବର୍ଷ ପୂର୍ବେ ସ୍ଥାନ ପାଉଥିଲା । ମୃତ ଫାରୋମାନଙ୍କ ଶରୀରରେ ଅନ୍ୟ ରାସାୟନିକ ସହ ଘୃତକୁମାରୀ ରସର ମଧ ପ୍ରୟୋଗ ହେଉଥିବା ଜଣାଯାଏ । ନୀଳନୟନା ରାଣୀ କ୍ଲିଓପେଟ୍ରା ରକ୍ତ, କ୍ଷୀର ସହ ଏଲୋଭେରା କ୍ରିମରେ ସାରା ଜୀବନ ସ୍ନାନ କରି 'ସୁନ୍ଦରୀ' ହୋଇଥିଲେ ବୋଲି ଜନଶ୍ରୁତି ରହିଛି । ଚିକିତ୍ସକ ଚରକ ଓ ଶୁଶ୍ରୁତ ମଧ ଏଲୋଭେରା ବ୍ୟବହାର କରୁଥିଲେ । ଏହାର ତିକ୍ତ ରସ ଉତ୍ତାପହାରକ ଭାବେ ବ୍ୟବହାର ହୋଇ ଆସୁଥିଲା ।

ମରୁ ପଥିକ ଧୁ ଧୁ ମରୁରେ ବୁଲୁବୁଲୁ ଏହି ଗଛର ନିକଟତର ହେଲେ ନବଜୀବନ ଲାଭ କରୁଥିଲା । ଏହାର ରସ ଭୋକ ସହ ତୃଷାକୁ ମଧ ନିବାରିତ କରିପାରୁଥିଲା । ମୃଗତୃଷ୍ଣା ରକ୍ଷା କରିପାରୁଥିବା ହେତୁ ଏହାକୁ 'ମରୁପୀୟୁଷ' କହିଥାନ୍ତି । ବୃଦ୍ଧାମାନେ ଏହାକୁ ବ୍ୟବହାର କରି କୁମାରୀ ହେଉଥିବାରୁ ସଂଭବତଃ ଏହାର ନାମ ରହିଛି 'ଘୃତକୁମାରୀ' ଏହାର ରସ ଘୃତ ସଦୃଶ୍ୟ ଅଟେ । ଏହାର ବ୍ୟବହାର ଦିନକୁ ଦିନ ବଢ଼ି ବଢ଼ି ଯାଉଛି ତେଣୁ କେହି କେହି ଏହାକୁ 'ଏ ଯୁଗର ବିଶଲ୍ୟ କରଣୀ' ବୋଲି କହିବାକୁ ଆରମ୍ଭ କଲେଣି । ଏଣୁ ଗବେଷକ ଗଣ ତୁରନ୍ତ ଏହାର ଗୁଣ ଗୁଡିକ ସମ୍ପର୍କରେ ନୂତନ ତଥ୍ୟ ବାହାର କରି ଏହାର ପ୍ରୟୋଗ ହେଲେ ବହୁ ରୋଗରୁ ଉପଶମ ମିଳିବା ନିଶ୍ଚିତ । ଘରେ ଘରେ ବହୁତ ପରିମାଣରେ ଘୃତକୁମାରୀ ଗଛ ମାଟି କୁଣ୍ଡରେ କେବଳ ସଜାଇ ନ ରଖି ତା'ର ଔଷଧୀୟ ଗୁଣଗୁଡିକୁ ପ୍ରୟୋଗ କରିବା ଉଚିତ ନୁହେଁ କି ? ଘୃତ କୁମାରୀ ଚେହେରା ଜନିତ ସମସ୍ତ ସମସ୍ୟା ନିବାରଣ କରିବା ପାଇଁ ରାମବାଣ ସଦୃଶ ଅଟେ ।

# ଜୁସ୍ ପିଇ ସୁସ୍ଥ ରୁହନ୍ତୁ

କଖାରୁ ଶରୀର ପାଇଁ ଖୁବ୍ ଲାଭଦାୟକ । ହୁଏତ ଏହାର କୌଣସି ସ୍ୱାଦ ନାହିଁ । କିନ୍ତୁ ଇମ୍ୟୁନିଟୀକୁ ବଢ଼ାଇବା ପାଇଁ ଖୁବ୍ ଲାଭପ୍ରଦ ତେଣୁ ଆପଣ କଖାରୁକୁ କାଟି ଏହାକୁ ଜୁସ୍ କରି ସେବନ କରିପାରିବେ । ଏଥି ସହିତ ଲାଉ ଜୁସ୍ ପେଟ ପାଇଁ ରାମବାଣ ସଦୃଶ । ପ୍ରାୟ ୯୦ ପ୍ରତିଶତ ବେମାରୀ ପେଟରୁ ଜନ୍ମ ହୋଇଥାଏ । ତେଣୁ ପେଟକୁ ସୁସ୍ଥ ରଖିବା



ପାଇଁ ଘରେ ଲାଉ ଜୁସ୍ ପିଅନ୍ତୁ । ଗାଜରର ରୋଗ ପ୍ରତିରୋଧକ କ୍ଷମତା ଅଧିକ ରହିଛି । ଏଥିରେ ପୋଷକ ତତ୍ତ୍ୱ ଗଛିତ ରହିଛି ତେଣୁ ଶରୀରକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆପଣ ଘରେ ଗାଜର ଜୁସ୍ ପ୍ରସ୍ତୁତ କରି ପିଅନ୍ତୁ ।

## ଆପଣ ଜାଣନ୍ତି କି ?

- ପ୍ରଥମେ ବିଭିନ୍ନଗଛର କାଠିକୁ ବ୍ରଶ୍ ବା ଦାନ୍ତକାଠି ଭାବେ ବ୍ୟବହାର କରାଯାଉଥିଲା । ଏସୀୟମାନେ ପ୍ରଥମେ ବ୍ରଶ ପ୍ରସ୍ତୁତ କରିଥିଲେ । ମୁଖ୍ୟତଃ ଚାଇନାରେ ଏହା ଟାଙ୍ଗ୍ ରାଜବଂଶ (୬୧୯-୯୦୭) ସମୟରେ ପ୍ରସ୍ତୁତ କରାଯାଇଥିଲା ।
- ଆଦିମ ଇଜିପ୍ଟବାସୀ କାଠିରେ ପତ୍ର ଲଗାଇ ଏହାକୁ ଟୁଥବ୍ରଶ୍ ଭାବେ ବ୍ୟବହାର କରୁଥିଲେ ।
- ଇଂଲଣ୍ଡର ଓ୍ୱିଲିଅମ୍ ଏଡିସ୍ ନାମକ ଜଣେ ବ୍ୟକ୍ତି କୌଣସି ଅପରାଧ ଲାଗି ଜେଲରେ ଥିବା ସମୟରେ ପାଟି ସଫା ରଖିବା ପାଇଁ ମାଂସ ତରକାରିରୁ ଏକ ହାଡ଼ କାଢ଼ି ସେଥିରେ କଣା କରି କିଛି ସୂତା ଲଗାଇ ବ୍ରଶ୍ ପ୍ରସ୍ତୁତ କରିଥିଲେ । ଜେଲରୁ ବାହାରିବା ପରେ ୧୭୭୬ରେ ଏହି ପ୍ରଣାଳୀ ବ୍ୟବହାର କରି ଅନେକ ବ୍ରଶ ବିକି ଧନୀ ହୋଇ ପାରିଥିଲେ । ସେବେଠୁ ବ୍ରଶ୍ ବ୍ୟବହାର ବଢ଼ିବା ଆରମ୍ଭ ହେଲା ।
- ୧୯୦୦ ମସିହା ପୂର୍ବରୁ ଟୁଥବ୍ରଶ୍ ସାଇବେରିଆନ୍ ହଗ୍ (ଅଣ୍ଡିରା ଘୁଷୁରି) ବାଳରେ ପ୍ରସ୍ତୁତ ହେଉଥିଲା । ୧୯୩୮ ରେ ପ୍ରଥମେ ନାଇଲନ୍ ସୂତା ବା ବ୍ରିଷ୍ଟଲ ବ୍ୟବହାର ହୋଇଥିବା ଟୁଥବ୍ରଶ୍ ପ୍ରସ୍ତୁତ କରାଗଲା । ଏହାପରେ ଓରାଲ୍ ବି କମ୍ପାନୀ ନରମ ଦାନ୍ତ ବା ସୂତାଥିବା ଟୁଥବ୍ରଶ ପ୍ରସ୍ତୁତ କଲା ।
- ପ୍ରଥମ ଇଲେକ୍ଟ୍ରିକ୍ ଟୁଥବ୍ରଶ୍ ବ୍ରୋକ୍ସୋଡେଣ୍ଟ ୧୯୫୪ ରେ ସ୍ୱିଜରଲାଣ୍ଡରେ ଆବିଷ୍କାର ହୋଇଥିଲା ।
- ପୃଥିବୀର ସବୁଠୁ ଦାମୀ ଟୁଥବ୍ରଶର ମୂଲ୍ୟ ୪,୦୦୦ ଆମେରିକାନ ଡଲାର । ଏହାକୁ ପ୍ରସ୍ତୁତ କରିବା ଲାଗି ଟିଟାନିୟମ ବ୍ୟବହାର କରାଯାଇଥିଲା ।

# ମେଥିଦାନାର ବ୍ୟବହାର

ଭାରତୀୟ ବ୍ୟଞ୍ଜନରେ ମେଥିଦାନାର ବହୁଳ ବ୍ୟବହାର କରାଯାଇଥାଏ । ପ୍ରାଚୀନ କାଳରେ ବଇଦମାନେ ଏହାକୁ ଔଷଧ ଭାବେ ମଧ ଉପଯୋଗ କରୁଥିଲେ । କେଶ ଓ ତ୍ୱଚା ଉପରେ ମେଥିଦାନା ଉତ୍ତମ ପ୍ରଭାବ ପକାଉଥିବାର ପ୍ରକାଶ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ



ନିୟମିତ ଭାବରେ ୧ ଚାମଚ ମେଥିଦାନା ଖାଇଲେ ତାହା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।

ମେଥିଦାନାରେ ପୋଟାସିୟମ୍ ଅଧିକ ପରିମାଣରେ ଥିବାରୁ ତାହା ଶରୀରରେ ସୋଡିୟମ୍‌ର ପରିମାଣକୁ ନିୟନ୍ତ୍ରଣ କରିଥାଏ । ଏହା ଦ୍ୱାରା ରକ୍ତ ସଞ୍ଚାଳନ ଉତ୍ତମ ହେବା ସହ ହୃଦଯନ୍ତ୍ର ଠିକ୍ ଭାବରେ କାର୍ଯ୍ୟ କରିଥାଏ । ମଧୁମେହ ରୋଗୀ ନିୟମିତ ଭାବେ ମେଥିଦାନା ଖାଇବା ସେମାନଙ୍କ ପାଇଁ ଉପକାରୀ । ଏଥିରେ ମହଜୁଦ୍ ଥିବା ଏମିନୋ ଏସିଡ୍ ଶରୀରରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣାଧୀନ ରଖିଥାଏ ।

ମେଥିଦାନାରେ ଭରପୁର ମାତ୍ରାରେ ଫାଇବର ଓ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ତାହା ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରିଥାଏ ।

ଓଜନ ହ୍ରାସ କରିବା ନିମନ୍ତେ ପ୍ରତ୍ୟହ ମେଥିଦାନା ଖାଇଲେ ୧ ମାସ ମଧରେ ସୁଫଳ ମିଳିଥାଏ ।

ମେଥିରେ ମହଜୁଦ୍ ଥିବା ଫାଇବର ଶରୀରରୁ ଦୂଷିତ ପଦାର୍ଥ ବାହାର କରିଥାଏ । ଏହା ଦ୍ୱାରା କଲୋନ କର୍କଟର ଆଶଙ୍କା କମ୍ ହୋଇଥାଏ ।

ମେଥିଦାନାରେ ଥିବା ପୋଟାସିୟମ୍ ରକ୍ତ ସଞ୍ଚାଳନ ଉତ୍ତମ ହେବାରେ ସାହାଯ୍ୟ କରିଥାଏ ।

# ସୁନ୍ଦରତା ପାଇଁ ଭଲ କଦଳୀ

ପ୍ରଦୂଷଣର ପ୍ରଭାବରେ ସବୁଠୁ ଅଧିକ ଶରୀରର ତ୍ୱଚା ପ୍ରଭାବିତ ହେଉଛି । ସେଥିପାଇଁ ନିୟମିତ ଭାବେ ଯୁବତୀ ଓ ମହିଳାମାନେ ସୌନ୍ଦର୍ଯ୍ୟ ଚର୍ଚ୍ଚା କରିବା ଜରୁରୀ । ବିଭିନ୍ନ ପ୍ରକାର କସମେଟିକ୍ ବ୍ୟବହାର କରିବା ପରିବର୍ତ୍ତେ ଘରୋଇ ଉପାୟକୁ ଆପଣେଇବା ଉତ୍ତମ । ଏହା ଦ୍ୱାରା କମ୍ ଖର୍ଚ୍ଚ ହେବା ସହ ତ୍ୱଚା କ୍ଷତିଗ୍ରସ୍ତ



ହୁଏନାହିଁ । ପାଚିଲା କଦଳୀର ପ୍ରୟୋଗ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ବୋଲି ସୌନ୍ଦର୍ଯ୍ୟ ବିଶାଷଜ୍ଞଙ୍କ ମତ ।

୧ ଚାମଚ ମହୁରେ ଗୋଟିଏ କଦଳୀକୁ ଭଲଭାବେ ଚକଟି ମୁହଁ, ହାତ ଓ ବେକରେ ଲଗାଇ ୨୦ ମିନିଟ୍ ପରେ ନଖ ଉଷୁମ ପାଣିରେ ଧୋଇନିଅନ୍ତୁ । ବାହାରୁ କାମ ସାରି ଫେରିବା ପରେ ପ୍ରତ୍ୟେକଦିନ ତ୍ୱଚା ସଫା ପାଇଁ ଏହି ନିୟମ ଆପଣାନ୍ତୁ ।

ତ୍ୱଚାରେ ଚମକ ଆଣିବା ନିମନ୍ତେ ୨ ଚାମଚ ଲେମ୍ବୁରସରେ କଦଳୀ ଚକଟି ମୁହଁରେ ଲଗାନ୍ତୁ । ୩୦ ମିନିଟ୍ ପରେ ମୁହଁ ଧୋଇବା ପରେ ତ୍ୱଚାର ଔଜ୍ୱଲ୍ୟ ଲକ୍ଷ୍ୟ କରିହେବ । କଦଳୀ ଓ ଚିନିକୁ ମିଶାଇ ମୁହଁରେ ଘଷିଲେ ଏହା ସ୍କ୍ରବ୍ ପରି କାମ କରିଥାଏ ।

ଆଖି ତଳ ଦାଗ ପଡିଲେ କଦଳୀ ଚକଟି ସେଥିରେ ୧ ଚାମଚ ଗୋଲାପ ଜଳ ମିଶାନ୍ତୁ । ଆଖି ଉପରେ ଛୋଟ ଧଳା କପଡ଼ା ରଖି ଏହି ମିଶ୍ରଣକୁ ରଖନ୍ତୁ । ୩୦ ମିନିଟ୍ ପରେ ତାହାକୁ ବାହାର କରି ଆଖି ଧୋଇ ନିଅନ୍ତୁ । ୧ ସପ୍ତାହ ଏପରି କଲେ ଆଖିତଳ ଦାଗ କମ୍ ହୋଇଥାଏ ।

କଦଳୀକୁ କଞ୍ଚା କ୍ଷୀର ସହ ମିଶାଇ ତ୍ୱଚାରେ ଲଗାଇଲେ ଦାଗ ଦୂର ହୋଇଥାଏ ।

# କହିପାରିବେ କି ?

(୧) ଭାରତର ସବୁଠାରୁ ଦୀର୍ଘ ନଦୀର ନାମ କ'ଣ ?
(୨) ଦିଲ୍ଲୀ ପୂର୍ବରୁ ଭାରତର ରାଜଧାନୀର ନାମ କ'ଣ ଥିଲା ?
(୩) ଆମ ଜାତୀୟ ପତାକାକୁ କିଏ ଡିଜାଇନ୍ କରିଥିଲେ ?
(୪) ଆଜାଦ ହିନ୍ଦ ଫୌଜ କିଏ ଗଠନ କରିଥିଲେ ?
(୫) ମହାଭାରତ କିଏ ଲେଖିଥିଲେ ?
(୬) ଭଗବାନ ବୁଦ୍ଧଙ୍କ ପିଲାଦିନର ନାମ କ'ଣ ଥିଲା ?
(୭) ଜାତିସଂଘ କେବେ ଗଠନ ହୋଇଥିଲା ?
(୮) ଭାରତର କେଉଁ ରାଜ୍ୟରେ ସବୁଠାରୁ ଅଧିକ ମସଲା ଉତ୍ପାଦନ ହୋଇଥାଏ ?
(୯) ପୃଥିବୀରେ ମୋଟ ଦେଶ ସଂଖ୍ୟା କେତେ ?
(୧୦) ଉଦୀତ ସୂର୍ଯ୍ୟର ଦେଶ କାହାକୁ କୁହାଯାଏ ?

## JUMBLE WORDS

| | | | |
|---|---|---|---|
| 1) LHRBEA | = | 6) SNRHIK | = |
| 2) LUTTEO | = | 7) CLETE | = |
| 3) ORPEW | = | 8) OVCHA | = |
| 4) LRODL | = | 9) CPUREK | = |
| 5) YMGUPR | = | 10) STAUCC | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ତାମିଲନାଡୁ, ୨. ରାକେଶ ଶର୍ମା, ୩. ଅନୁସୂୟା, ୪. ମୟୁର, ୫. ଆମାଜନ୍, ୬. ରବର୍ଟ ବ୍ରାଉନ୍, ୭.ମୋରାରଜୀ ଦେଶାଇ, ୮. ଟେଫଲନ୍, ୯. ବୌଦ୍ଧ, ୧୦. ଧ୍ରୁବ ।

***Jumble Words*** ର ଉତ୍ତର :-

(1) INPUT (2) LOFTY (3) SAILOR (4) AGENDA (5) SHAME (6) CRUSH (7) SLUDGE (8) PIMPLE (9) DITCH (10) DINKY

## ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉତବୋଧନୀ କାର୍ଯ୍ୟକ୍ରମ

ଝାରସୁଗୁଡ଼ା: ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଝାରସୁଗୁଡ଼ା ଶାଖା ଓ ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଉଦ୍ୟମରେ 'ଉତବୋଧନୀ' ନାମରେ ଏକ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର କୁମାର ଭୋଇ ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଝାରସୁଗୁଡ଼ା ଶାଖାର ସଭାପତି ତଥା ବ୍ରଜରାଜନଗର କଲେଜର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ବିଶ୍ୱଜିତ ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ସମାଜ ଉପରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରଭାବ ଓ ଛାତ୍ର ଛାତ୍ରୀମାନଙ୍କ ନୈତିକ କର୍ତ୍ତବ୍ୟ ଉପରେ ଆଲୋଚନା କରିବା ସହିତ ଭବିଷ୍ୟତ ନାଗରିକ ଗଠନ ପାଇଁ ସମାଜର ଦାୟିତ୍ୱ ଉପରେ ଆଲୋଚନା କରିଥିଲେ । ମହିଳା ମହାବିଦ୍ୟାଳୟ ଝାରସୁଗୁଡ଼ାର ପୂର୍ବତନ ଅଧ୍ୟକ୍ଷ ତଥା ଉପସଭାପତି ଡକ୍ଟର ସରୋଜ କୁମାର କୁଅଁର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କ ଚରିତ୍ର ଗଠନ ତଥା ସ୍ୱାଭିମାନ ପାଇଁ ବିବେକାନନ୍ଦ ଙ୍କ ବିଚାର ଉପରେ ଆଲୋଚନା କରିଥିଲେ । ବିବେକାନନ୍ଦ ଲୋକ ସଂସଦ ପଶ୍ଚିମ ପ୍ରାନ୍ତ ମୋ ଗାଁ ଟ୍ରଷ୍ଟ ସଭାପତି ତଥା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାର ଅର୍ଥନୀତି ପ୍ରାଧାପକ ତପନ କୁମାର ବାରିକ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ଆମ ଅଞ୍ଚଳର ବିସ୍ତୃତ ଇତିହାସ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଓଡ଼ିଶା କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଜେତା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରା ଯାଇଥିଲା । ପ୍ରାରମ୍ଭରେ ଛାତ୍ରୀ ଖୁସି ସ୍ୱାଇଁଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ପ୍ରାଧାପିକା ଡ଼. ଅନୁପମା ଦାଶ ପ୍ରାଣାୟମ କରାଇଥିଲେ । ପ୍ରାଧାପକ ସୁଧାଂଶୁ କୁମାର ପାଲୋଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟା ତଥା ଶିକ୍ଷକ ଠାକୁର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରଜରାଜନଗର ପୌରପରିଷଦ ଅନାସ୍ଥା ପ୍ରସ୍ତାବ ଉପରେ ହେଲା ଭୋଟିଂ

ଝାରସୁଗୁଡ଼ା: ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମଙ୍କ ବିରୁଦ୍ଧରେ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ହୋଇଛି । ଏଥିରେ ୨୩ ଜଣ ଯାକ କାଉନସିଲର ଭୋଟ୍ ଦେଇଛନ୍ତି । ତେବେ ଏହାର ଫଳାଫଳ ଆସନ୍ତା ମାସ ୫ ତାରିଖ ଦିନ ପ୍ରକାଶ ପାଇବ । ନିର୍ବାଚନ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଓ ବାଲାଟ ବକ୍ସ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଝାରସୁଗୁଡ଼ା ସ୍ଥିତ ଟ୍ରେଜେରୀ କାର୍ଯ୍ୟାଳୟରେ ରଖାଯାଇଛି ।

ଗତ ୬ ତାରିଖ ଦିନ ୨୩ କାଉନସିଲରଙ୍କ ମଧ୍ୟରୁ ୨୨ ଜଣ କାଉନସିଲର ଝାରସୁଗୁଡ଼ା ଜିଲ୍ଲା ପାଳ ଆବୋଲି ସୁନିଲ୍ ନରଓ୍ୱଣେଙ୍କ ଅଭିଯୋଗ ଶୁଣାଣିରେ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଦେଇଥିଲେ । ଜିଲ୍ଲାପାଳ ଆବୋଲି ସୁନିଲ୍ ନରଓ୍ୱଣେ ଗତ ୯ ତାରିଖ ଦିନ ୧୫ ତାରିଖରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ୧୦ ତାରିଖ ଦିନ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ ଉଚ୍ଚତମ ନ୍ୟାୟାଳୟରେ ରହିତାଦେଶ ଆଣିବା ପରେ ୧୫ ତାରିଖ ଦିନ ଭୋଟିଂ ହେବ ଓ ଏହାର ଫଳାଫଳ ଶୁଣାଣି ଆସନ୍ତା ଫେବୃଆରି ୫ ତାରିଖ ଦିନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ନିର୍ବାଚନ ଶେଷ ହୋଇଛି । ୨୦ ଜଣ କାଉନସିଲର ବିଜେଡି ଦଳରେ ଥିବା ବେଳେ ୨ ଜଣ କାଉନସିଲର ବିଜେପି ଓ ଅନ୍ୟ ଜଣେ ବିଜେପି କାଉନସିଲର ଅଛନ୍ତି । ଅଧ୍ୟକ୍ଷା ଯାଜ୍ଞସେନୀ ଓରାମଙ୍କ କାର୍ଯ୍ୟ କଳାପ ଉପରେ ଅତିଷ୍ଠ ହୋଇ କାଉନସିଲର ମାନେ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ବିଜେଡି କାଉନସିଲର ମାନେ ପ୍ରକାଶ କରିବା ସହ ସମସ୍ତ ୨୦ ଜଣ କାଉନସିଲର ବିଜେଡି ରେ ଅଛନ୍ତି ଓ ଆଗାମୀ ଦିନ ରେ ବିଜେଡି ଦଳରେ ରହିବେ ବୋଲି ଉପନଗରପାଳ ଗୋପାଳ ସୀତାନିଙ୍କ ସମେତ ସମସ୍ତ କାଉନସିଲରମାନେ କହିଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଝାରସୁଗୁଡ଼ା ପିଆଇଟିଡିଏ ଅଧିକାରୀ ସଞ୍ଜୀବ କୁମାର ପଟେଲ ନିର୍ବାଚନ ଅଧିକାରୀ ଭାବରେ ରହିଥିଲେ । ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ସହକାରୀ ନିର୍ବାଚନ ଅଧିକାରୀ ଭାବରେ ରହିଥିଲେ ।

## ସ୍କିମାଟିକ୍ ଶିକ୍ଷକ ମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି

ଭୁବନେଶ୍ୱର: ରାଜ୍ୟ ସରକାର ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ସ୍କିମାଟିକ୍ କନିଷ୍ଠ ଶିକ୍ଷକ ମାନଙ୍କ ମାସିକ ପାରିଶ୍ରମିକ ୧୧,୧୦୦ ଟଙ୍କାରୁ ୧୬,୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହାସହିତ ଏହି ବର୍ଗର ଶିକ୍ଷକ ମାନଙ୍କ ଇପିଏଫ ପରିମାଣ ମଧ ୧୪୪୩ ଟଙ୍କାରୁ ୧୯୫୦ ଟଙ୍କାକୁ ବୃଦ୍ଧି ପାଇଛି । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ପ୍ରତ୍ୟେକ ସ୍କିମାଟିକ କନିଷ୍ଠ ଶିକ୍ଷକଙ୍କ ପାଇଁ ପୂର୍ବରୁ ୧୨,୫୪୩ ଟଙ୍କା ପ୍ରଦାନ କରୁଥିବା ବେଳେ, ଏବେ ମାସକୁ ୧୭,୯୫୦ ଟଙ୍କା ପ୍ରଦାନ କରିବେ । ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୧୩,୭୪୦ ଜଣ ସ୍କିମାଟିକ କନିଷ୍ଠ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୮୯.୧୫ କୋଟି ଟଙ୍କା ବହନ କରିବେ ।

## ଜରୁରୀ କାଳୀନ ପରିସ୍ଥିତିରେ ବନ୍ଦୀଙ୍କୁ ମିଳିବ ୨୦ ହଜାର ଟଙ୍କାର ପେନ୍‌ସନ

ସମ୍ବଲପୁର: ରାଜ୍ୟ ସରକାରଙ୍କ ପକ୍ଷରୁ ଦେଶର ଜରୁରୀ କାଳୀନ ପରିସ୍ଥିତିରେ ମିସା, ଡିଆଇଆର ଏବଂ ଡିଆଇଏସଆଇଆର ଆଇନରେ ବିଭିନ୍ନ ଜେଲରେ ବନ୍ଦୀଥିବା ସଂଗ୍ରାମୀ ମାନଙ୍କୁ ମାସକୁ ୨୦ ହଜାର ଟଙ୍କାର ପେନସନ ମିଳିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଏ ବିଷୟରେ ଘୋଷଣା କରିଥିଲେ । ଏ ସଂପର୍କରେ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ପେନ୍‌ସନ ସହିତ ସମସ୍ତ ସଂଗ୍ରାମୀ ମାନଙ୍କ ମେଡିକାଲ ଖର୍ଚ୍ଚ ମଧ ରାଜ୍ୟ ସରକାର ବହନ କରିବେ । ୧ ଜାନୁଆରୀ ୨୦୨୫ ସୁଦ୍ଧା ଜୀବିତ ଥିବା ସବୁ ସଂଗ୍ରାମୀ ଏହି ପେନସନ ଓ ଚିକିତ୍ସା ସୁବିଧା ପାଇବେ । ସୂଚନା ଯୋଗ୍ୟ ଯେ, ୨୫ ଜୁନ୍ ୧୯୭୫ ମସିହାରୁ ୨୧ ମାର୍ଚ୍ଚ ୧୯୭୭ ମସିହା ପର୍ଯ୍ୟନ୍ତ ଦେଶର ଜରୁରୀ କାଳୀନ ପରିସ୍ଥିତିକୁ ବିରୋଧ କରି ଅନେକ ସଂଗ୍ରାମୀ ଦେଶର ବିଭିନ୍ନ ଜେଲରେ ବନ୍ଦୀ ହୋଇଥିଲେ । ଆବେଦନ କରିବା ନିମନ୍ତେ ସମସ୍ତ ଆବେଦନକାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜୁଡିସିଆଲ୍ ବିଭାଗରୁ ଏବଂ ଜିଲ୍ଲା ପ୍ରଶାସନର ୱେବସାଇଟରେ ଉପଲବ୍ଧ sambalpur.odisha.gov.in website ମାଧମରେ ଆବେଦନପତ୍ର ପାଇ ପାରିବେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜୁଡିସିଆଲ ବିଭାଗରେ ଆବେଦନ ପତ୍ର ଦାଖଲ କରିପାରିବେ ।

## ଝାରସୁଗୁଡା ପୌର ପରିଷଦର ମଶାତେଲ ଦୁର୍ନୀତି ଅଭିଯୁକ୍ତଙ୍କୁ ଜାମିନ

ଝାରସୁଗୁଡା: ବହୁ ଚର୍ଚ୍ଚିତ ଝାରସୁଗୁଡା ପୌର ପରିଷଦର ମଶାତେଲ ଦୁର୍ନୀତି ଘଟଣାରେ ଗିରଫ ହୋଇ ଜେଲରେ ଥିବା ପୂର୍ବତନ ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡିଙ୍କ ସମେତ ଅନ୍ୟ ୩ ଜଣଙ୍କୁ ମଧ ହାଇକୋର୍ଟରେ ଜାମିନ ମଞ୍ଜୁର ହୋଇଛି । ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଝାରସୁଗୁଡା ପୌର ପରିଷଦର ପୂର୍ବତନ ନିର୍ବାହୀ ଅଧିକାରୀ, ସାନିଟାରୀ ଇନ୍ସପେକ୍ଟର ବିକାଶ ଚନ୍ଦ୍ର ପଶାୟତ, ସାନିଟାରୀ ଏକ୍ସପାର୍ଟ ବିଶ୍ୱରଂଜନ ସାହୁ ଓ ମଶାତେଲ ଯୋଗାଣକାରୀ ସଂସ୍ଥା ଫ୍ୟୁଜନ ଗ୍ରୁପର ଆଶୁତୋଷ ଶର୍ମାଙ୍କୁ ଜାମିନ ମଞ୍ଜୁର କରିଛନ୍ତି । ପ୍ରତି ଆବେଦନ କାରୀଙ୍କୁ ୪୦ ହଜାର ଟଙ୍କାର ବେଲ ବଣ୍ଡରେ ଛାଡ଼ିଥିବା ସହିତ ତଦନ୍ତ ସମୟ ରେ ତଦନ୍ତକାରୀ ଅଧିକାରୀଙ୍କ ସହାୟତା ପାଇଁ ଥାନାରେ ଉପସ୍ଥିତ ରହିବାକୁ ନିର୍ଦେଶ ଦିଆଯାଇଛି । ଗତ ଡ଼ିସେମ୍ବର ମାସ ୧୩ ତାରିଖରେ ମଶା ତେଲ ଦୁର୍ନୀତି ମାମଲାରେ ପ୍ରାୟ ୬୧ ଲକ୍ଷ ୪୪ ହଜାର ୬୦୦ ଟଙ୍କା ର ଦୁର୍ନୀତି ମାମଲାର ତଦନ୍ତ କରି ଦୁର୍ନୀତି ନିବାରଣ ବିଭାଗ ଏହି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୨୦୨୨-୨୩ ଆର୍ଥିକ ବର୍ଷରେ ଝାରସୁଗୁଡ଼ା ପୌର ପରିଷଦ ମଶା ତେଲ ଯୋଗାଣ ପାଇଁ ଏକ ଟେଣ୍ଡର ଆହ୍ୱାନ କରି ଥିଲେ । ଏଥିରେ ତିନି ଜଣ ଟେଣ୍ଡର ପକାଇ ଥିବା ବେଳେ ସର୍ବାଧିକ ୭୪୦ ମୂଲ୍ୟ ଦେଇଥିବା ଫ୍ୟୁଜନ ଗ୍ରୁପ୍‌କୁ ତେଲ ଯୋଗାଣ ପାଇଁ ଦାୟିତ୍ୱ ମିଳିଥିଲା । ବିଗତ ବର୍ଷ ମାନଙ୍କରେ ୭୭ ଟଙ୍କାରେ ମଶା ତେଲ କିଣା ଯାଇଥିବା ବେଳେ ତତ୍କାଳୀନ ନିର୍ବାହୀ ଅଧିକାରୀ ଶ୍ରୀ ତାଣ୍ଡିଙ୍କ ସମୟରେ ଲିଟର ପିଛା ଅଧିକ ୬୬୦ ଟଙ୍କାରେ ମଶା ତେଲ କିଣା ଯାଇଥିଲା । ଫ୍ୟୁଜନ୍ ଗ୍ରୁପରୁ ପୌର ପରିଷଦ ୯୫୦୦ ଲିଟର ମଶା ତେଲ କିଣି ଥିବା ବେଳେ ୬୮ ଲକ୍ଷ ୮୯ ହଜାର ୪୦୦ ଟଙ୍କା ପୈଠ ହୋଇଥିଲା । ସେଥି ମଧ୍ୟରୁ ୨ ପ୍ରତିଶତ ଜିଏସଟି ଓ ପ୍ରକୃତ ଦରକୁ ବାଦ୍ ଦେଇ ୬୧ ଲକ୍ଷ ୪୪ ହଜାର ୬୦୦ ଟଙ୍କା ଅଧିକ ପୈଠ ହୋଇଥିବା ନେଇ ଭିଜିଲାନସ୍ ବିଭାଗ ପକ୍ଷରୁ ସେ ସମୟରେ ସୁଚନା ଦିଆ ଯାଇ ଥିଲା ।

## ଦିବାକର ଷଡ଼ଙ୍ଗୀଙ୍କ ପରଲୋକ

ବୁର୍ଲା: ଭୂବନେଶ୍ୱରେ ରହୁଥିବା ବୁର୍ଲା ହାଇସ୍କୁଲର ପୁରାତନ ଛାତ୍ର ଦିବାକର ଷଡ଼ଙ୍ଗୀଙ୍କର ପରଲୋକରେ ବୁର୍ଲା ହାଇସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି । ଭୂବନେଶ୍ୱର ସ୍ଥିତ ତାଙ୍କ ବାସଭବନରେ ସେ ଜଣେ ମେଳାପୀ, ମିଷ୍ଟଭାଷୀ ବନ୍ଧୁ ପ୍ରେମୀ ବିଶିଷ୍ଟ ବ୍ୟକ୍ତି ସ୍ୱଚ୍ଛ ଓ ନିର୍ମଳ ବ୍ୟକ୍ତି ଥିଲେ । ବିଗତ ପ୍ଲାଟିନମ ଜୁବୁଲି ଉତ୍ସବରେ ସେ ଯୋଗ ଦେଇ ସମସ୍ତଙ୍କ ସହ ମିଳାମିଶା କରି ଆନନ୍ଦ ଉଲ୍ଲାସର ସହ ଉତ୍ସବଟିକୁ ଉପଭୋଗ କରିଥିଲେ । ତାଙ୍କ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରି ତାଙ୍କ ପରିବାର ବର୍ଗଙ୍କୁ ସଂଘ ପକ୍ଷରୁ ଶ୍ରୀ ନିରଞ୍ଜନ ପଟ୍ଟନାୟକ ସମବେଦନା ଜ୍ଞାପନ କରିଛନ୍ତି ।

## ଆରବିଆଇ ପ୍ରାକ୍ତନ ଅଧିକାରୀ ସୁଶାନ୍ତ କରଙ୍କ ପରଲୋକ

ସମ୍ବଲପୁର: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପ୍ରାକ୍ତନ ଅଧିକାରୀ ଡକ୍ଟର ସୁଶାନ୍ତ କୁମାର କରଙ୍କ ମୁମ୍ବାଇର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା । ସମ୍ବଲପୁରର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଲେନ ନିବାସୀ ଶିକ୍ଷାବିତ୍ ସ୍ୱର୍ଗତ ବାଳକୃଷ୍ଣ କରଙ୍କ ପୁଅ ସୁଶାନ୍ତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ଗଙ୍ଗାଧର ମେହେର କଲେଜରେ ପାଠପଢ଼ା ପରେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓ ଏମଫିଲ ଏବଂ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ହାସଲ କରିଥିଲେ । ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟରେ ସାମୟିକ ଭାବେ ଅଧାପନା ପରେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ରେ ଯୋଗଦେଇ ୨୦୨୩ ମସିହା ଜୁନରେ ପ୍ରିନ୍ସିପାଲ ଚିଫ ଜେନେରାଲ ମ୍ୟାନେଜର (ପି.ସି.ଜି.ଏମ.) ଭାବେ ଅବସର ଗ୍ରହଣ କରିଥିଲେ । ଆରବିଆଇରେ ମହାରାଷ୍ଟ୍ରର ବ୍ୟାଙ୍କିଙ୍ଗ ଲୋକପାଳ ଥିବାବେଳେ ସାଇବର ଅପରାଧ ସଚେତନତା ପୁସ୍ତକ ପ୍ରସ୍ତୁତିରେ ତାଙ୍କ ପ୍ରମୁଖ ଭୂମିକା ରହିଥିଲା । ତାଙ୍କ ଗଳ୍ପ ସଂକଳନ 'ମାନସହଂସ' ସହିତ ଅନେକ ପ୍ରବନ୍ଧ ବିଭିନ୍ନ ଜାତୀୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ତାଙ୍କ ପଛରେ ପତ୍ନୀ ଆରବିଆଇର ନିର୍ବାହୀ ନିର୍ଦ୍ଦେଶିକା ଚାରୁଲତା କର ଓ ଝିଅ ଅନନ୍ୟା ଅଛନ୍ତି । ତାଙ୍କ ବିୟୋଗରେ ଜିଲ୍ଲା ସ୍କୁଲ ୧୯୭୮ ବ୍ୟାଚ, ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ ସହପାଠୀ ତଥା ବନ୍ଧୁ ପରିଜନ ମହଲରେ ଶୋକପ୍ରକାଶ ପାଇଛି । ଏଠାରେ ଉଲ୍ଲଖ ଯୋଗ୍ୟ ଯେ ସ୍ୱର୍ଗତ ସୁଶାନ୍ତ କର ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜ଼ିଲ୍ଲା ଶାଖା ସଭାପତି ବରିଷ୍ଠ ସାମ୍ବାଦିକ ସୁକାନ୍ତ କର ଙ୍କ ବଡ଼ ଭାଇ ଅଟନ୍ତି ।

## ୬୫ତମ ମକର ଯାତ୍ରା ମହୋତ୍ସବ ପାଳିତ

ଝାରସୁଗୁଡ଼ା: ବ୍ରଜରାଜନଗର ଖଲିଆକାନୀ ଠାରେ ୬୫ ତମ ମକର ଯାତ୍ରା ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ଝାରୁ ପ୍ରଧାନ, ସାମ୍ବାଦିକ ରିତେଶ କୁମାର ଶର୍ମା ଓ ଚଳିତ ବର୍ଷ ଅଖିଳ ଭାରତୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ଭୁବନେଶ୍ୱର ଏମସ ରୁ ଶିଶୁ ଶଲ୍ୟର ସୁପର ସ୍ପେସିଆଲିଷ୍ଟ ଭାବେ ଉତ୍ତୀର୍ଣ୍ଣ ହୋଇଥିବା ଖଲିଆକାନୀର ପ୍ରଥମ ଯୁବା ଡାକ୍ତରାଣୀ ଦିପ୍ତୀ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଧା କୃଷ୍ଣ ଉନ୍ନୟନ ପରିଷଦର ସଭାପତି କ୍ଷୀରୋଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରାଧାପକ ତପନ କୁମାର ବାରିକ, ମୁଖ୍ୟ ବକ୍ତା, ଆଇନଜୀବି ବିଶ୍ୱନାଥ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହାଛଡ଼ା ପରିଷଦର ମୁଖ୍ୟ ସଂଯୋଜକ ମହେନ୍ଦ୍ର ନାଏକ, ଶିକ୍ଷାବିତ ପ୍ରଶାନ୍ତ କୁମାର ପାଙ୍ଗଯୋଶୀ, କବି କ୍ଷୀରୋଦ କୁଅଁର ଯୋଗ ଦେଇଥିଲେ । ପରିଷଦର ସଂପାଦକ ଲରେନ୍ସ ପ୍ରଧାନ ସଭା ପରିଚାଳନା କରିଥିବାବେଳେ ତପନ ପ୍ରଧାନ ସ୍ୱାଗତ ଭାଷଣ ଓ ପବିତ୍ର ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରରେ ଶ୍ରୀମଦ୍ ଭାଗବତ ସ୍ୱାଧ୍ୟାୟ ସତ୍ର ଉଦ୍‌ଯାପିତ












ସମ୍ବଲପୁର: ଝାଡୁଆପଡାର ଆରଣ୍ୟକ ମଣ୍ଡପରେ ଚାଲିଥିବା ସପ୍ତାହବ୍ୟାପୀ ଭାଗବତ ସ୍ୱାଧ୍ୟାୟ ସତ୍ର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବିଶ୍ୱାତ୍ମ ଚେତନା ପରିଷଦର ଅଧ୍ୟକ୍ଷ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଭାଗବତର ଦ୍ୱାଦଶ ସ୍କନ୍ଧର ତାତ୍ତ୍ୱିକ ବ୍ୟାଖ୍ୟା କରିଥିଲେ । ବିଶ୍ୱାତ୍ମ ଚେତନା ପରିଷଦର ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ସମ୍ବିତ କୁମାର, ସ୍ୱାତୀ ପ୍ରମୁଖ ବାଦ୍ୟଯନ୍ତ୍ର ଓ ସଂଗୀତରେ ତାଙ୍କୁ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର ସମ୍ବଲପୁର ଶାଖା ସଭାପତି ପରମେଶ୍ୱର ଦାଶ, ସମ୍ପାଦକ ବିମଳ ପାଣ୍ଡିଆ, ପ୍ରାଧାପିକା ଶ୍ରୀଲତା ମିଶ୍ର, ଡାକ୍ତର ସୁରେନ୍ଦ୍ର ପଣ୍ଡା, ମଧୁସୂଦନ ମହାନ୍ତି, ସରୋଜ କୁମାର ମହାପାତ୍ର, ପ୍ରଶାନ୍ତ ପାଢ଼ୀ, ସୁଜାତା ଷଡ଼ଙ୍ଗୀ, ରଞ୍ଜିତା ମିଶ୍ର, ରୀନା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର ମୀନକେତନ ପାଠୀ ପ୍ରମୁଖଙ୍କ ସମେତ ସହରର ବହୁ ବୁଦ୍ଧିଜୀବି ଓ ଭକ୍ତବୃନ୍ଦ ଯୋଗ ଦେଇଥିଲେ । ଗତ ୩୫ ବର୍ଷ ହେବ ପ୍ରତ୍ୟେକ ବର୍ଷ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଭାଗବତର ସ୍ୱାଧ୍ୟାୟ ସତ୍ର କରି ଆସୁଥିଲେ ।




## ରଜନୀ ରାଣୀ ମହାନ୍ତିଙ୍କ ସ୍ମୃତିରେ ଭାଗବତ ସପ୍ତାହ













ସମ୍ବଲପୁର : ସ୍ଥାନୀୟ ମହାନ୍ତିପଡା ସ୍ଥିତ ଦଧିବାମନ କଲ୍ୟାଣ ମଣ୍ଡପରେ ଧର୍ମପ୍ରାଣା ଓ ଭଜନାନନ୍ଦୀ ଶ୍ରୀମତୀ ରଜନୀ ରାଣୀ ମହାନ୍ତିଙ୍କ ସ୍ମୃତିରେ ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନ ଯଜ୍ଞ ହୋଇ ଯାଇଛି । ବୃନ୍ଦାବନ ନିବାସୀ ବାବା ହରେକୃଷ୍ଣ ଦାସ ଏଥିରେ ଭାଗବତ ଉପରେ ସଙ୍ଗୀତମୟ ପ୍ରବଚନ ଦେଇଥିଲେ । ବୃନ୍ଦାବନରୁ ଆସିଥିବା ହରିଚରଣ ଦାଶ ଏବଂ ତାଙ୍କ ସହଯୋଗୀମାନେ ସଂଗୀତ ଓ ବାଦ୍ୟରେ ବାବାଙ୍କୁ ସହଯୋଗ କରିଥିଲେ । ସେହିପରି ବୃନ୍ଦାବନରୁ ଆସିଥିବା ବିଭିନ୍ନ କଳାକାର କଥା ପ୍ରସଙ୍ଗରେ ଆସୁଥିବା ବିଭିନ୍ନ ଘଟଣାବଳୀର ଝାଙ୍କି ପ୍ରଦର୍ଶନ କରିଥିଲେ । ପୂର୍ବତନ ସାଂସଦ ପ୍ରମିଳା ବହିଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତା ରଜନୀ ରାଣୀଙ୍କ ପୁତ୍ର ପ୍ରଣବ କିଶୋର ମହାନ୍ତି ଏବଂ ପୁତ୍ରବଧୂ କଳ୍ପନା ମହାନ୍ତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ପ୍ରମିଳା ବହିଦାର ସ୍ୱର୍ଗତା ରଜନୀ ରାଣୀ ମହାନ୍ତିଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ, ସେ ଜଣେ ସୁଗୃହିଣୀ ହୋଇ ତାଙ୍କର ପରିବାର ବର୍ଗଙ୍କୁ ଆଧାତ୍ମିକ ମାର୍ଗରେ ବାନ୍ଧି ରଖିବା ସହ ବହୁ ଭକ୍ତଙ୍କୁ ବିଭିନ୍ନ ତୀର୍ଥକ୍ଷେତ୍ର ଭ୍ରମଣରେ ନେଉଥିଲେ । ସେହିପରି ସମାଜରେ ମହିଳାଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହନ୍ତ ଅଦ୍ୱୈତ ଚରଣ ଦାସ ମହାରାଜଙ୍କ ବିୟୋଗରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ କୃଷ୍ଣ ଜନ୍ମୋତ୍ସବ, ଛପନ ଭୋଗ ଅର୍ପଣ, ରୁକ୍ମିଣୀ ବିବାହ ଇତ୍ୟାଦି ମଧ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲା । ସେହିପରି ୫୧ ଜଣ ପଣ୍ଡିତଙ୍କ ଦ୍ୱାରା ଗୋପାଳ ସହସ୍ର ନାମ ପାଠ ଶ୍ରୀ ଗୋପାଳ ମହାପ୍ରଭୁଙ୍କୁ ୧୫ ହଜାର ତୁଳସୀ ପତ୍ର ଅର୍ପଣ ସାଙ୍ଗକୁ ସାଧୁ ସେବା ମଧ କରାଯାଇଥିଲା ।

## ସାପ୍ତାହିକ ଜନସମୀକ୍ଷାର ବାର୍ଷିକ ଉତ୍ସବ





ସମ୍ବଲପୁର: ସାପ୍ତାହିକ 'ଜନସମୀକ୍ଷା'ର ୪୫ତବ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ଅର୍ଜ୍ଜୁନ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ଓ ପ୍ରଫୁଲ୍ଲ ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପତ୍ରିକାର ସମ୍ପାଦିକା ଶ୍ରୀମତୀ ସବିତା ମିଶ୍ର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମାଜସେବା କ୍ଷେତ୍ରରେ ଅମର ପ୍ରସାଦ ତାଣ୍ଡିଆ, ଅଶୋକ କୁମାର ମିଶ୍ର ଓ ସାମ୍ବାଦିକତା କ୍ଷେତ୍ରରେ ବି.ଶଙ୍କରଙ୍କୁ ସମ୍ମାନିତ କରାଯାଇଥିଲା । ପରେ କବୟିତ୍ରୀ ମମତା ନାଥଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୨୫ ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ ।

## କବି ସୌଭାଗ୍ୟବନ୍ତ ମହାରଣା ସମ୍ମାନିତ



ସମ୍ବଲପୁର: ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣା ବାଲେଶ୍ୱରରେ 'ଫକୀର ମୋହନ କବିତା ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି । ଫକୀର ମୋହନ ସାହିତ୍ୟ ପରିଷଦର ୭୮ତମ ବାର୍ଷିକୋତ୍ସବରେ ଶ୍ରୀ ମହାରଣାଙ୍କୁ ଏହି ସମ୍ମାନ ଦିଆଯାଇଛି । ଶ୍ରୀ ମହାରଣା ଏ ପର୍ଯ୍ୟନ୍ତ ୧୯ଟି କବିତା ଓ ୬ଟି ପ୍ରବନ୍ଧ ସଙ୍କଳନ ପ୍ରକାଶ କରିଛନ୍ତି । ଓଡ଼ିଶା ସହିତ୍ୟ ଏକାଡେମୀ ପକ୍ଷରୁ ବିଭିନ୍ନ ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra